ମୂଲ୍ୟ: ₹୧/-

ଧରିତ୍ରୀ
DHARITRI

# ସାହିତ୍ୟାୟନ

ସେପ୍ଟେମ୍ବର ୯–୨୨,୨୦୨୧

୨ ଦେଶେଦେଶେ : ଫୱାଦ୍ ଆନ୍ଦରାବି
୪ ସ୍ମରଣୀୟ : ରାଜକିଶୋର ରାୟ
୩ ସୃଜନ-ଆଳାପ : ସୁପ୍ରଭା ରାୟ
୬ ଗଳ୍ପ : ପ୍ରବୋଧ ରାଉତ






# ଆନ୍ଦରାବି, ତୁମେ ମୃତ୍ୟୁଞ୍ଜୟ!

# ତୁମ ରକ୍ତ ହିଁ ଲେଖିବ ସନ୍ତ୍ରାସର ଶୋକଗୀତି



ଆଫଗାନ୍‌ର ପ୍ରସିଦ୍ଧ ଲୋକଗାୟକ ଫଓ୍ବାଦ୍ ଆନ୍ଦରାବିଙ୍କୁ ଗତ ୨୭ ଅଗଷ୍ଟ ଶୁକ୍ରବାର ଦିନ ଗୁଳି କରି ଜଣେ ତାଲିବାନ୍ ବନ୍ଧୁକଧାରୀ ହତ୍ୟା କରିଛି। ଉତ୍ତର-କାବୁଲରେ ତାଙ୍କୁ ଘରୁ ଘୋଷାରି ଆଣି ତାଙ୍କ ମୁଣ୍ଡକୁ ଗୁଳି କରାଯାଇଛି ଓ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ଫଓ୍ବାଦ୍‌ଙ୍କ ପୁଅ ଜଓ୍ବାଦ୍ କହିଛନ୍ତି ଯେ, ନିକଟରେ ତାଲିବାନୀମାନେ ତଲାସୀ ନେବାକୁ କିଷ୍ଟାବାଦ ଗାଁରେ ଥିବା ତାଙ୍କ ଘରକୁ ଆସିଥିଲେ ଓ ତାଙ୍କ ବାପାଙ୍କ ସହ ମିଶି ଚା’ ପିଇଥିଲେ। ବିଡ଼ମ୍ବନା ଯେ, ତା’ ପରେ ପରେ ଘଟିଛି ଏହି ଅମାନୁଷିକ ବର୍ବର କାଣ୍ଡ। ତାଲିବାନୀମାନେ କାବୁଲ ଦଖଲ କରିଥିଲେ ବି ଉତ୍ତର-କାବୁଲ (ବାଘଲାନ୍ ପ୍ରଦେଶ)ର କେତେକ ଜିଲା ଅଛି, ଯେଉଁଠି ଏବେ ବି ବିରୋଧୀ ଗୋଷ୍ଠୀଙ୍କ ସହ ତାଲିବାନୀଙ୍କର ଲୁଚାଛପା ଲଢ଼େଇ ଚାଲିଛି। ଆଫଗାନ୍‌ର ୩୪ଟି ପ୍ରଦେଶକୁ ଅକ୍ତିଆରକୁ ନେବା ସତ୍ତ୍ୱେ ହିନ୍ଦୁକୁଶ୍ ପର୍ବତମାଳା ଅନ୍ତର୍ଗତ ପଞ୍ଜଶିର (କାବୁଲର ପଡ଼ୋଶୀ ଅଞ୍ଚଳ)କୁ ତାଲିବାନୀମାନେ ଦଖଲକୁ ନେଇଥିବା ଦାବି କଲେ ବି ଏହାର ସଠିକତା ଜଣାପଡ଼ି ନାହିଁ। କାବୁଲର ଉତ୍ତରାଞ୍ଚଳ ତାଲିବାନୀଙ୍କ ସତର୍କ ନଜରରେ ରହିଛି। ଏଠାକାର ଅଧିବାସୀଙ୍କ ମଧ୍ୟରେ ଅଛନ୍ତି ତାଜିକ୍, ପାସ୍ତୁନ, ଉଜ୍‌ବେକ, ହାଜ୍‌ରା ଓ ତାର୍ତାର ଜାତିର ଲୋକେ। ଏମାନଙ୍କୁ ତାଲିବାନୀମାନେ ସନ୍ଦେହ ଚକ୍ଷୁରେ ଦେଖିବା ସ୍ୱାଭାବିକ। କାରଣ ସେମାନଙ୍କ ପ୍ରତିପକ୍ଷକୁ ହୁଏତ ସ୍ଥାନୀୟ ଅଧିବାସୀଙ୍କ ସମର୍ଥନ ମିଳୁଥାଇପାରେ। ଯାହା ମନେହୁଏ, ଆନ୍ଦରାବିଙ୍କ ଘର ତଲାସି କରିବା ଓ ତାଙ୍କୁ ଘରୁ ଟାଣିଆଣି ଅମାନୁଷିକ ଭାବେ ହତ୍ୟା କରିବା ପଛରେ ତାଙ୍କ ପ୍ରତି ତାଲିବାନୀଙ୍କ ନିରାଧାର ସନ୍ଦେହ ହିଁ କ୍ରିୟାଶୀଳ।

ଆଫଗାନ୍‌ର ପ୍ରସିଦ୍ଧ ଲୋକଗାୟକ ଫଓ୍ବାଦ୍ ଆନ୍ଦରାବିଙ୍କ ଏପରି ନାମକରଣ ମୂଳରେ ଆନ୍ଦରାବି ଉପତ୍ୟକା ହିଁ ବିଦ୍ୟମାନ। ଆନ୍ଦରାବି ଜଣେ ନିଚ୍ଛଳ ଓ ନିରୀହ ଗାୟକ। ଘିଚାକ୍ ବାଦନ ପୂର୍ବକ ସେ ଯେଉଁ ଲୋକଗୀତ ପରିବେଷଣ କରନ୍ତି, ସେଥିରେ କେବଳ ଥାଏ ନିଜ ଜନ୍ମଭୂମି ଆଫଗାନ୍ ଓ ପୂର୍ବପୁରୁଷଙ୍କ ଜୟଗାନ। ତେବେ ଏଭଳି ଜଣେ ଅଣରାଜନୈତିକ ବ୍ୟକ୍ତିଙ୍କୁ ହତ୍ୟା କରାଯିବା ପଛର ଅଭିସନ୍ଧିଟି ସମ୍ଭବତଃ ଏଇୟା ଯେ ତାଲିବାନୀଙ୍କ ବିଶ୍ୱାସରେ ବଦ୍ଧମୂଳ ଯେ ସଂଗୀତ ହେଉଛି ଇସ୍‌ଲାମ୍ ବିରୋଧୀ। ଦ୍ୱିତୀୟ କାରଣଟି ହୋଇପାରେ- ଆନ୍ଦରାବି ତାଙ୍କ ସଙ୍ଗୀତ ମାଧ୍ୟମରେ ଆଫଗାନ୍‌ବାସୀଙ୍କ ମନରେ ନିଜ ମାତୃଭୂମି, ଭାଷା, ସଂସ୍କୃତି ଓ ପରମ୍ପରା ପ୍ରତି ଯେଉଁ ସମ୍ମୋହନ ଜାଗ୍ରତ କରାଉଛନ୍ତି, ତାହା ସେମାନଙ୍କୁ ତାଲିବାନୀଙ୍କ ବିରୋଧରେ ଏକଜୁଟ ହୋଇ ଦିନେ ଲଢ଼ିବା ନିମିତ୍ତ ହୁଏତ ପ୍ରେରଣାପ୍ରଦ ସାବ୍ୟସ୍ତ ହେବ। ଖୁବ୍ ଆବେଗମୟ ସ୍ୱରରେ ଯଦି ଏହି ମର୍ମରେ ଗାନ କରାଯାଏ- ‘‘ପାହାଡ଼ ପର୍ବତ ଘେରା ଆମର ଏ ସୁନ୍ଦର ଉପତ୍ୟକା। ଆମ ପୂର୍ବପୁରୁଷଙ୍କର ଏଇ ଜନ୍ମଭୂମି ପରି ଭୂଖଣ୍ଡ ଆଉ ପୃଥିବୀରେ ନାହିଁ। ଏ ଦେଶ ପାଇଁ, ଏ ମାଟି ପାଇଁ ମୁଁ ଗର୍ବିତ’’- ତେବେ କେଉଁ ଶ୍ରୋତାର ଛାତି ବା ଫୁଲିଉଠିବ ନାହିଁ, ‘ମାତୃଭୂମି’ ପାଇଁ ପ୍ରାଣବଳି ଦେବାର ଉନ୍ମାଦନାରେ! ଏଇଠି ରହିଛି ସଂଗୀତ ଓ ସଂଗୀତକାର ଆନ୍ଦରାବିଙ୍କ ପ୍ରତି ତାଲିବାନୀଙ୍କ ରୋଷର ଉତ୍ସ। ଏହା ଆପଣା ସୁରକ୍ଷା ବିପନ୍ନ ହେବାର ଭୟ।

**ଦେଶେଦେଶେ**

ଆନ୍ଦରାବିଙ୍କ ହତ୍ୟାକୁ ବିଶ୍ୱର ସଚେତନ ସଂସ୍କୃତିପ୍ରେମୀ, ସାହିତ୍ୟିକ ଓ ବୁଦ୍ଧିଜୀବୀମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଯୁକ୍ତରାଷ୍ଟ୍ର ଆମେରିକାର ସଂସ୍କୃତି-କର୍ମୀ କରିମା ବେନୋଉନ୍ ଆନ୍ଦରାବିଙ୍କ ହତ୍ୟାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। କଳାକାରଙ୍କ ମାନବୀୟ ଅଧିକାର ପ୍ରତି ତାଲିବାନୀଙ୍କ ଉପେକ୍ଷାକୁ ବରଦାସ୍ତ ନ କରିବାକୁ ସେ ସରକାରଙ୍କଠାରେ ଦାବି କରିଛନ୍ତି। ‘ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ’ର ସାଧାରଣ ସମ୍ପାଦକ ଆଗନେସ୍ କାଲାମାର୍ଡ ଅନୁରୂପ ଭାବେ ଆନ୍ଦରାବିଙ୍କ ହତ୍ୟା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି। ଆନ୍ଦରାବିଙ୍କ ହତ୍ୟାକୁ ଏକ ଗୌଣ ଘଟଣା ଭାବେ ଧରିନେଇ ବିଶ୍ୱର ବୁଦ୍ଧିଜୀବୀମାନେ ହାତ ଛନ୍ଦି ବସିଗଲେ, ଏହା ତାଲିବାନୀଙ୍କୁ ସୁହାଇବ ଓ ସେମାନେ ଆଗକୁ ସେମାନଙ୍କର ବନ୍ଧୁକ ମୁନକୁ ଅଧିକରୁ ଅଧିକ କଳାକାର, କଣ୍ଠଶିଳ୍ପୀ ଓ ସର୍ବୋପରି ଲେଖକଙ୍କ ମୁଣ୍ଡରେ ଠେସି ରଖିବେ।

ଜଣେ ତାଲିବାନ୍ ମୁଖପାତ୍ର ରୋକ୍‌ଠୋକ୍ କହିଛନ୍ତି ଯେ, ୧୯୯୬ରୁ ୨୦୦୧ର ତାଲିବାନ୍ ଶାସନରେ ଆଫଗାନ୍‌ରେ ଯେପରି ସଙ୍ଗୀତକୁ ନିଷିଦ୍ଧ କରାଯାଇଥିଲା, ଏବେ ପୁଣି ସେପରି କରାଯିବ। ସର୍ବସାଧାରଣରେ ସଂଗୀତ ଗାନକୁ ବାରଣ କରାଯିବ, କାରଣ ଇସ୍‌ଲାମ୍‌ରେ ସଂଗୀତ ହେଉଛି ଗର୍ହିତ ଓ ପାପ। ଏହି ବିଚାରର ବଶବର୍ତ୍ତୀ ହୋଇ କାନ୍ଦାହାରର ଦକ୍ଷିଣବର୍ତ୍ତୀ ପ୍ରଦେଶରେ ପ୍ରସିଦ୍ଧ ହାସ୍ୟାଭିନେତା ନାଜାର୍ ମହମ୍ମଦ (ଖାସା ଜ୍ୱାନ୍ ଭାବେ ପରିଚିତ)ଙ୍କୁ ହତ୍ୟା କରିଛି ତାଲିବାନ୍। ନାଜାର୍ ଥିଲେ ଆଫଗାନ୍ ଜାତୀୟ ପୋଲିସ ବାହିନୀର ସଭ୍ୟ। ସୁତରାଂ ତାଲିବାନୀଙ୍କ ଉପରେ ଅତ୍ୟାଚାର ଓ ହତ୍ୟାରେ ସେ ଜଡ଼ିତ- ଏହି ଧାରଣା ତାଲିବାନ୍‌ର।

ତେବେ ବିଚାର୍ଯ୍ୟ ଯେ, ଇସ୍‌ଲାମ୍ କ’ଣ ସତରେ ସଙ୍ଗୀତ ଓ ଗାୟକୀ-କଳା ପରିବେଷଣର ବିରୋଧୀ ? ପବିତ୍ର କୋରାନ୍ କହେ- ‘‘All that is void of the remembrance of Allah is laghv.’’ ଯାହା ମଣିଷର ସ୍ମରଣରୁ ଆଲ୍ଲାଙ୍କୁ ଦୂରେଇ ରଖେ, ଇସ୍‌ଲାମ୍ ବିଚାରରେ ତାହା ‘ଲାଘବ’- ଅର୍ଥାତ୍ କେବଳ ବିଳାସ ଓ ବିନୋଦନ।

ପାକିସ୍ତାନର ଆଧ୍ୟାତ୍ମିକ ତଥା ଆଧୁନିକ ବିଦ୍ୱାନ୍ ଜାଭେଦ୍ ଅହମ୍ମଦ ଘାମିଡ଼ି କହନ୍ତି: ‘‘ପରମ ବିଧାତା କୋରାନ୍‌କୁ ସୁନ୍ଦର କରିବାକୁ ଛନ୍ଦୋମୟ କରି ଗଢ଼ିଛନ୍ତି। ଏଣୁ ଏହି ନିର୍ଯାସରେ ପହଞ୍ଚି ହେବ ଯେ, ଶବ୍ଦରେ ଛନ୍ଦମାଧୁର୍ଯ୍ୟ ଓ ଧ୍ୱନିରେ ସୁଷମାର ନିଧାନକୁ ଆଲ୍ଲା ଭଲପାଆନ୍ତି। ଇସ୍‌ଲାମ୍‌ର ପବିତ୍ର ଅବତାରମାନେ ଧର୍ମୋପାସକଙ୍କୁ ସ୍ୱର ଲୟ ଦେଇ କୋରାନ୍ ପଢ଼ିବାକୁ ଉତ୍ସାହିତ କରନ୍ତି।’’ ଠାଏ କୁହାଯାଇଛି- ‘He who does not recite the Qur’anic verses in a beautiful tone does not belong to us.’’ ଆଲ୍ଲାଙ୍କ ପ୍ରଶସ୍ତି ଗାନ କରିବାକୁ ପର୍ବତ ଓ ପକ୍ଷୀମାନଙ୍କୁ ଡାଭିଡ୍‌ଙ୍କ ସହ ମିଳିତ ହେବାକୁ ଆହ୍ୱାନ କରାଯାଇଛି। କିନ୍ତୁ ଇସ୍‌ଲାମ୍‌ରେ ସଂଗୀତର ଯାଥାର୍ଥ୍ୟକୁ ନେଇ ତର୍କ ଆଜି ବି ଅମୀମାଂସିତ ଓ ଏ ଦିଗରେ ଇସ୍‌ଲାମ୍‌ର ଗବେଷକମାନେ ଗବେଷଣା ଚଳାଇଛନ୍ତି। ଏଭଳି ଏକ ପ୍ରସଙ୍ଗକୁ ନେଇ ଜଣେ ବୃଦ୍ଧ ଲୋକ-ଗାୟକଙ୍କୁ ତାଲିବାନ୍ ଆତତାୟୀମାନେ କାପୁରୁଷ ଭଳି ହତ୍ୟା କରିବା କାହା ପାଇଁ ବି ଗ୍ରହଣୀୟ ନୁହେଁ।

ତାଲିବାନୀ ଗୁଳିରେ ପ୍ରାଣପାତ ସତ୍ତ୍ୱେ ଆନ୍ଦରାବି ମୃତ୍ୟୁଞ୍ଜୟ। ତାଙ୍କ ଅବର୍ତ୍ତମାନରେ ତାଙ୍କ ରକ୍ତ ହିଁ ଲେଖିଚାଲିବ, ଗାଇ ଚାଲିବ କାଳକାଳକୁ ସନ୍ତ୍ରାସର ଶୋକ-ଗୀତି ଏବଂ ଧ୍ୱନିତ ହେବ କେବଳ ଆଫଗାନ୍‌ର ନଦନଦୀ, ପାହାଡ଼ ପର୍ବତ ନୁହେଁ, ବିଶ୍ୱ ଚରାଚର। ବିଳମ୍ବିତ ହେଲେ ବି ଧରାର ଲଲାଟରେ ଅବଧାରିତ ସେଇଦିନ।

**ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ**




ସାହିତ୍ୟାୟନ

ଲେଖା ପଠାଇବାର ଠିକଣା

ସମ୍ପାଦକ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
email: dharitrisahityayana@gmail.com

ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିଜର ଲେଖା ଡିଟିପି କରି ଓ୍ୱାର୍ଡ କିମ୍ବା ପେଜ୍‌ମେକର ଫାଇଲରେ E-mailରେ ପଠାଇ ପାରିବେ ପୂରା ଠିକଣା ଓ ମୋବାଇଲ ନମ୍ବର ସହ।

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

## ସୃଜନ-ଆଳାପ

# ଭାଷାର ମୌଳିକତା ରକ୍ଷା ହେଉଛି ପ୍ରକୃତ ଅନୁବାଦ



**ସୁପ୍ରଭା ରାୟ**

**ଅନୁବାଦ ସାହିତ୍ୟର ଏକ ସୁପରିଚିତ ନାଁ ସୁପ୍ରଭା ରାୟ । ତାଙ୍କ ଦ୍ୱାରା ପ୍ରାୟ ଅର୍ଦ୍ଧ ଶତାଧିକ ବଙ୍ଗଳା ବହି ଓଡ଼ିଆରେ ଅନୂଦିତ। ବଙ୍ଗଳା ଓ ଓଡ଼ିଆ ଭାଷା ମଧ୍ୟରେ ସେ ସୃଷ୍ଟି କରିଛନ୍ତି ଏକ ସୁଦୃଢ଼ ସେତୁ। ଜଣେ ଲେଖିକା, ଅନୁବାଦିକା ଓ ଶିକ୍ଷାବିତ୍‌ର ପରିଚୟ ସାଙ୍ଗକୁ ଶ୍ରୀମତୀ ରାୟ ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ଥାଇ ସୂଚାରୁ ରୂପେ ସମ୍ପନ୍ନ କରିଛନ୍ତି ଅନେକ ମହତ୍ତ୍ୱପୂର୍ଣ୍ଣ ସାମାଜିକ କାର୍ଯ୍ୟ। ଓଡ଼ିଶା ଲେଖିକା ସଂସଦର ସେ ଆଜୀବନ ସଭ୍ୟା। ତାଙ୍କର ସୃଜନଶୀଳ ଲେଖା ମଧ୍ୟରେ 'ଆବର୍ତ୍ତନ', 'ରିକ୍ତ ଡାଲା' (କବିତା), 'କଥା କଥାରେ କବିତା' (ଶିଶୁ କବିତା) ଓ 'ଶେଷ ତୃଷ୍ଣା' (ଗଳ୍ପ) ଆଦି ପ୍ରମୁଖ। ଅନୂଦିତ ପୁସ୍ତକ ସଂଖ୍ୟା ୪୬, ଯହିଁରେ ଅନ୍ତର୍ଭୁକ୍ତ 'ଲୁହା ଗାରଦର ଛାଇ', 'ଅଗ୍ନି ପରୀକ୍ଷା', 'ଜୀବନ ସ୍ୱାଦ', 'ଶବ ସାଧକ', 'ଯୁଗାନ୍ତର' 'ଯବନିକା ତୀରେ', 'ସପ୍ତସିନ୍ଧୁ ଦଶଦିଗନ୍ତ' (ଆଶାପୂର୍ଣ୍ଣା ଦେବୀ), 'ତୁମକୁ ନମସ୍କାର', 'ଏକ ଅମୃତ ପାତ୍ର', 'ଅଜ୍ଞାତବାସ', 'ଉତ୍ତର ଫାଲ୍‌ଗୁନି', 'ରଙ୍ଗର ଟିକା', 'ରାତିର ଗାଡ଼ି' (ଡ. ନୀହାର ରଞ୍ଜନ ଗୁପ୍ତ), 'ପ୍ରଥମ ଅଙ୍କ', 'ଜୀବନର ନାଁ ଯନ୍ତ୍ରଣା' (ବିମଳ ମିତ୍ର), 'ସୁଚରିତା 'ଓ ' ମେଘ କୋଳରେ ଖରା' (ପ୍ରଫୁଲ୍ଲ ରାୟ)। ନିଜର ଜୀବନବ୍ୟାପୀ ନିରଳସ ସାଧନା ଏବଂ ଅନୁବାଦ ପାଇଁ ସେ ପାଇଛନ୍ତି– ଭୁବନେଶ୍ୱର ପୁସ୍ତକମେଳାର ବହୁଭାଷୀ କବି ସମ୍ମିଳନୀର 'ପ୍ରତିଭା ସମ୍ମାନ–୨୦୦୫', ଜୀବନବ୍ୟାପୀ ସାହିତ୍ୟ ସାଧନା ପାଇଁ ଦିଲ୍ଲୀରୁ ଗୋଲ୍ଡ ମେଡାଲ, ଉତ୍କଳ ସାହିତ୍ୟ ସଂସଦର ସମ୍ବର୍ଦ୍ଧନା, ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧନା ସହ ଓଡ଼ିଶା ଲେଖିକା ସଂସଦ ପକ୍ଷରୁ 'ମନସ୍ୱିନୀ ରାୟ ଅନୁବାଦ ସମ୍ମାନ'। ତାଙ୍କ ସହ 'ସୃଜନ–ଆଳାପ'ରେ ବୀରଭଦ୍ର ବିଶ୍ୱାଳ...**

**ପ୍ରଃ** ଅନୁବାଦ ସାହିତ୍ୟରେ ଆପଣ ଜଣେ ଜଣାଶୁଣା ବ୍ୟକ୍ତିତ୍ୱ। ତେବେ ସାହିତ୍ୟରେ ଏତେ ବିଭାଗ ଥାଉ ଥାଉ ଅନୁବାଦକୁ କାହିଁକି ବାଛିନେଲେ ?

**ଉଃ** ଅନୁବାଦ ଦ୍ୱାରା ଗୋଟିଏ ଭାଷାର ସାହିତ୍ୟିକୁ ଅନ୍ୟମାନଙ୍କ ମଧ୍ୟରେ ବିତରଣ କରିହୁଏ। ମୁଁ ଯାହା ପଢ଼େ ଏବଂ ମୋ' ମନକୁ ଛୁଏଁ, ତାକୁ ଅନ୍ୟଭାଷାର ପାଠକଙ୍କ ପଢ଼ିବା ପାଇଁ ଅନୁବାଦ କରିଦିଏ। ବଙ୍ଗଳାରୁ ଓଡ଼ିଆକୁ ଆଜିଯାଏ ୪୬ ଖଣ୍ଡ ପୁସ୍ତକ ଅନୁବାଦ କରିସାରିଲିଣି। ଏଥିମଧ୍ୟରୁ ପାଠକ ଅନେକ ପୁସ୍ତକକୁ ପସନ୍ଦ କରିଛନ୍ତି। ନିଜସ୍ୱ ସୃଷ୍ଟି ସୁଖକର, ମାତ୍ର ମୁଁ ଅନୁବାଦକୁ ସେହି ଭାବରେ ଦେଖୁଥିବାରୁ ତାହା ମୋତେ ଆନନ୍ଦ ଦେଇଛି।

**ପ୍ରଃ** ଅନୁବାଦ ପୁସ୍ତକଟିଏ ଆତ୍ମପ୍ରକାଶ କଲାପରେ କିଭଳି ଆତ୍ମସନ୍ତୋଷ ଲାଭ କରିଥା'ନ୍ତି ?

**ଉଃ** ଅନୁବାଦ ପୁସ୍ତକଟିଏ ଆତ୍ମପ୍ରକାଶ କଲେ ମୋତେ ବହୁତ ଖୁସି ଲାଗେ। ମୁଁ ଯେ ଅନ୍ୟମାନଙ୍କ ପାଇଁ କିଛି କରିପାରିଲି ସେଇ ଆତ୍ମସନ୍ତୋଷ ମୋତେ ଏକ ମହାର୍ଘ ସୁଖଦିଏ। ମୁଁ ଭାବେ ପ୍ରତ୍ୟେକ ନିଜ ନିଜ ଦକ୍ଷତା ଅନୁଯାୟୀ ଅନ୍ୟପାଇଁ କିଛି କରିବା ଉଚିତ। ଈଶ୍ୱର ଯେତେବେଳେ ମୋତେ ଅନୁବାଦ କରିବାର ସାମର୍ଥ୍ୟ ଦେଇଛନ୍ତି, ତାକୁ ମୁଁ ସୂଚାରୁ ରୂପେ ତୁଲାଇ ଆସୁଛି ଏବଂ ତୁଲାଉଥିବି।

**ପ୍ରଃ** ଆପଣଙ୍କର ବହୁ ଅନୁବାଦ ପୁସ୍ତକ ପ୍ରକାଶ ପାଇଥିଲେ ବି ଆଉ କିଛି ଅବସୋସ ବାକି ରହିଯାଇ ନାହିଁ ?

**ଉଃ** ଅବସୋସ ତ ରହିଛି। ସବୁବେଳେ ଭାବେ ଆହୁରି କିଛି ଅନୁବାଦ କାମ ମୋର ବାକି ରହିଗଲା, ଯାହା କରିବା ପାଇଁ ଚାହୁଁଥିଲି। ଯଦି ସମୟ ଏବଂ ସୁବିଧା ହୁଏ, ସେସବୁ ନିଶ୍ଚୟ କରିବି।

**ପ୍ରଃ** ଅନୁବାଦ କାର୍ଯ୍ୟଟି କଷ୍ଟକର କି? ଆଜିକାଲି ଅନୁବାଦ ପ୍ରତି ସେମିତି କେହି ଆଗ୍ରହ ଦେଖାଉ ନ ଥିବା ଜଣାଯାଉଛି। କ'ଣ ସତ ?

**ଉଃ** ମୋ' ମତରେ ଅନୁବାଦ କାମଟି ଖୁବ୍ କଷ୍ଟକର। ପ୍ରତ୍ୟେକ ଭାଷାର ଭିନ୍ନ ଭିନ୍ନ ଶୈଳୀ ଥାଏ। ଯେଉଁ ଶୈଳୀରେ ଓଡ଼ିଆ ଲେଖାଯାଇଥାଏ, ସେହି ଶୈଳୀରେ ଇଂଲିଶ୍ କିମ୍ବା ବଙ୍ଗଳା ଲେଖାଯାଇ ନ ଥାଏ। ତେଣୁ ସେହି ଭାଷାର ଅର୍ଥକୁ ଅତୁଟ ରଖି ଅନୁବାଦ କରିବା ପ୍ରକୃତରେ କଷ୍ଟକର। ଭାଷାର ମୌଳିକତା ହେଉଛି ବଡ଼ ଜିନିଷ। ମୂଳ ଭାଷାର ମୌଳିକତା ନଷ୍ଟ ନ କରି ମୁଁ ଯଦି ତାକୁ ଅନୁବାଦ କରିପାରିଲି, ତେବେ ତାହା ପ୍ରକୃତ ଅନୁବାଦ। କିନ୍ତୁ ଏପରି କରିବା କଷ୍ଟକର ହେଉଥିବାରୁ ଆଜିକାଲି ଅନୁବାଦ ପ୍ରତି ସେମିତି କେହି ବିଶେଷ ଆଗ୍ରହ ପ୍ରକାଶ କରୁ ନ ଥିବା ଦେଖାଯାଉଛି।

**ପ୍ରଃ** ଆପଣଙ୍କ ମୌଳିକ ରଚନା ବିଷୟରେ କିଛି କୁହନ୍ତୁ!

**ଉଃ** ମୁଁ ଯେଉଁ ଚାରୋଟି ମୌଳିକ ରଚନା କରିଛି, ସେଥିରେ ଯେତିକି ଆତ୍ମସନ୍ତୋଷ ମିଳିଛି, ଅନୁବାଦ କରି ମଧ୍ୟ ସେତିକି ଆତ୍ମସନ୍ତୋଷ ପାଇଛି। ତେଣୁ ମୁଁ ଦୁଇଟାକୁ ସମାନ ଭାବେ ଦେଖେ।

**ପ୍ରଃ** ଆଜିଯାଏ ଅନୁବାଦ କରିଥିବା ପୁସ୍ତକ ମଧ୍ୟରୁ କେଉଁ ଲେଖକଙ୍କ ଲେଖା ଆପଣଙ୍କୁ ସ୍ୱୟଂସମ୍ପୂର୍ଣ୍ଣ ଲାଗେ ?

**ଉଃ** ମୁଁ ବହୁତ ଖ୍ୟାତନାମା ଲେଖିକା/ଲେଖକଙ୍କ ବହିର ଅନୁବାଦ କରିଛି। ମୋ' ମତରେ ମୁଁ ଯେତିକି ଅନୁବାଦ କରିଛି, ତା' ମଧ୍ୟରୁ ଆଶାପୂର୍ଣ୍ଣା ଦେବୀଙ୍କର ଲେଖା ମୋ' ମନକୁ ସବୁଠୁ ବେଶୀ ଛୁଇଁଛି, କାରଣ ତାଙ୍କ ଲେଖାରେ ସମାଜର ନିଚ୍ଛକ ଛବି ପ୍ରତିଫଳିତ ହୋଇଥାଏ। ତାହା ହିଁ ଅନୁବାଦ ବେଳେ ମୋତେ ସବୁଠୁ ବେଶୀ ଆନନ୍ଦ ଦେଇଛି ଏବଂ ସ୍ୱୟଂସମ୍ପୂର୍ଣ୍ଣ ଲାଗିଛି।

**ପ୍ରଃ** ଆପଣଙ୍କ ପ୍ରଥମ ପ୍ରକାଶିତ ପୁସ୍ତକ କଥା କେବେ ମନେପଡ଼େ ?

**ଉଃ** 'ଆବର୍ତ୍ତନ' ଶୀର୍ଷକ କବିତା ପୁସ୍ତକ ମୋର ପ୍ରଥମ ପ୍ରକାଶିତ ପୁସ୍ତକ। ଦୀର୍ଘଦିନର ଶିକ୍ଷକତା ଅଭିଜ୍ଞତା ଏବଂ ମୋର ସ୍ୱାମୀ ରବୀନ୍ଦ୍ର ରାୟଙ୍କ ପ୍ରେରଣାରେ ଏହି ପୁସ୍ତକ ପ୍ରକାଶ ପାଇଥିଲା। ତେବେ ଏହି କବିତା ପୁସ୍ତକଟି ଯେତେବେଳେ ମୋ' ହାତକୁ ପ୍ରଥମେ ଆସିଥିଲା, ମୁଁ ରୋମାଞ୍ଚିତ ଆଉ ପୁଲକିତ ହୋଇଥିଲି। ଏହା ହୁଏତ ଏକ ସ୍ୱାଭାବିକ ପ୍ରକ୍ରିୟା ଥିଲା, ଯାହାକି ପ୍ରତ୍ୟେକ ଲେଖିକାଲେଖକଙ୍କ କ୍ଷେତ୍ରରେ ଘଟିଥାଏ। ତେବେ ସେଦିନର ଅନୁଭବ ମୋ' ସ୍ମୃତିରେ ଖୋଦିତ ହୋଇ ରହିଛି।















ସ୍ମରଣୀୟ

# ଦୁର୍ବଳ ଦେବାଳୟ



ରାଜକିଶୋର ରାୟ

ଘଣ୍ଟାଟି ଘଟିଯିବା ପରେ ଚିରସ୍ମରଣୀୟ ସ୍ତରକୁ ଆସିବା ବେଳକୁ ଶ୍ରୀଯୁକ୍ତ ନରସିଂହ ଚୌଧୁରୀ ଭାବିଲେ, କାହାର ଦୁର୍ବଳତା ନାହିଁ? ମଣିଷ ଶରୀର ଧରି କାହାର ଏପରି ଆସ୍ପର୍ଦ୍ଧା ହେବ ଯେ, ସେ କହିବ ତା'ର ଦୁର୍ବଳତା ନାହିଁ?

ଦୁର୍ବଳତା ସମସ୍ତଙ୍କର ଅଛି ଏବଂ ଏହି ଦୁର୍ବଳତା ଯୋଗୁ ମଣିଷର ଅଧଃପତନ ଘଟିଥାଏ, କିନ୍ତୁ ଶ୍ରୀଯୁକ୍ତ ନରସିଂହ ଚୌଧୁରୀଙ୍କର ଯେଉଁ ଦୁର୍ବଳତାଜନିତ ଘଟଣା ଜୀବନରେ ଘଟିଗଲା, ଯାହା କି ତାଙ୍କର ଜୀବନୀ-ଲେଖକଙ୍କ ମତରେ ସାହିତ୍ୟରେ ସ୍ଥାନ ପାଇବା ଆବଶ୍ୟକ, ସେ ଦୁର୍ବଳତାର ରୂପରେଖ ଏପରି କିଛି ନୁହେଁ, ଯାହା ପାଇଁ ସେ ଲଜ୍ଜିତ ହେବେ ଅବା ଜୀବନସାରା ଆତ୍ମଗ୍ଲାନିରେ ଭାବି ହେଉଥିବେ।

ବିଚିତ୍ର ଜୀବନର ବିଚିତ୍ର ଧାରା କେତେ କୁଆଡ଼େ ଭାସିଯାଇଛି। ଛୋଟ ହେଉ ବଡ଼ ହେଉ, ମଣିଷର ଜୀବନ ଗୋଟିଏ ପ୍ରଶସ୍ତ ଗନ୍ତାଘର। ମଣିମାଣିକ୍ୟଠାରୁ ଆରମ୍ଭ କରି ଅତି ତୁଚ୍ଛ ପଦାର୍ଥର ସଂସାରରେ ଏହା ପରିପୂର୍ଣ୍ଣ ହୁଏ ବୋଲି ଜୀବନ ଏତେ ସୁନ୍ଦର, ପୁଣି ଏତେ କୁତ୍ସିତ।

ଝିଅ ରମା ଆସି କେତେବେଳୁ ତାଗିଦା କରି ଗଲାଣି, ''ବାପା, ଠିକ୍ ଛଅଟା ତିରିଶ ମିନିଟ୍‌ରେ ସଭା, ମନେଅଛି ତ? ଏଇନେ ତ ଛଅଟା ପଚିଶ ମିନିଟ୍। ଗାଡ଼ି ପ୍ରାୟ ଆସିଗଲା ବୋଲି ଭାବ; ତମେ ବରଂ ବୈଠକଖାନା ଛାଡ଼ି ବାହାର ବାରଣ୍ଡାରେ ବସ। କାର୍ ଆସିବାମାତ୍ରେ ତୁମେ ଉଠିପଡ଼ିବ, ତୁମଆଡୁ ଯିମିତି ଅଡୁଆ କିଛି ନ ଥାଏ।''

ସ୍ତ୍ରୀ ମୃଦୁଳା ଦେବୀ ଦୁଇଥର ଆସି ଚେତେଇ ଦେଇଛନ୍ତି, ''ଶୁଣ, ଗଳାବନ୍ଧା କୋଟ୍‌ର ଗଳା ପାଖ ବୋତାମ ବକ୍ତୃତା ଦେଲାବେଳେ ଖୋଲିଦେବ। ତମର ଅନେକ ସମୟରେ ମନେରହେନି। କୋଟ୍‌ଟା ପୁରୁଣା ହେଲାଣି ବା ବୋତାମଟା ଆଣ୍ଟ ହେଉଛି। ମୁଁ ସାଙ୍ଗରେ ଯାଇଥିଲେ ଏତେ କଥା ଭାବିବାକୁ ପଡ଼ନ୍ତା ନାହିଁ; ପେଣ୍ଡାଲ ଉପରେ ନ ବସିଲେ ବି ତଳେ ବସି ଚେୟାର ଉପରୁ ସଙ୍କେତ ଦେଇଦିଅନ୍ତି ବୋତାମଟା ଖୋଲିଦେବାକୁ। ମୁଁ ତ ଯାଉନାହିଁ। ତୁମେ ମନେକରି ସବୁ ଚଳେଇ ନେବ।''

''ହଁ, ମଝିରେ ମଝିରେ ପାଣି ପିଇବ। ଏବେ ସେମାନେ ଭୁଲିଯାଉଛନ୍ତି ପାଣିଗ୍ଲାସ୍ ଟେବୁଲ ଉପରେ ରଖିବାକୁ। ସଭା ପରେ ଫାଣ୍ଟା ଆଣି ଦେଉଛନ୍ତି, କିଏ ବା ଦେଉନାହାନ୍ତି। ଆଉ କ'ଣ ବୟସ ଅଛି ଯେ ଅନର୍ଗଳ କହିଯିବ ବିନା ଶୋଷରେ।''

ଗଳାବନ୍ଧା କୋଟ୍‌ର ନିର୍ମମ ଉତ୍ତାପରେ ଯେତେ ନୁହେଁ, ସଭାର ଉଦ୍ୟୋକ୍ତାମାନଙ୍କର ତାଙ୍କ ପ୍ରତି ଏ ଅପମାନର ଉତ୍ତାପ ବହୁଗୁଣରେ ନରସିଂହ ଚୌଧୁରୀଙ୍କୁ ଉତ୍ତପ୍ତ କରିଦେଇଛି। ତଥାପି ସେ ବିମୂଢ଼ ହୋଇ ଅପେକ୍ଷମାଣ ଅବସ୍ଥାର ଚେୟାରଟି ଉପରେ ବସି ରହି ପ୍ରସ୍ଥାୟମାନ ସନ୍ଧ୍ୟାର ରୂପକୁ ଦେଖୁଛନ୍ତି।

ଯୁବକ ଅବସ୍ଥାରୁ ଶିକ୍ଷା ବିଭାଗରେ କାର୍ଯ୍ୟ କରିବା ପ୍ରାରମ୍ଭରୁ ଆଜି ଜୀବନର ସନ୍ଧ୍ୟା ପର୍ଯ୍ୟନ୍ତ ସାଂସ୍କୃତିକ ସଭା-ସମିତିରେ ତାଙ୍କୁ ଖୋଜିଲୋଡ଼ି ନେଇଛନ୍ତି ଦେଶବାସୀ। ପ୍ରତ୍ୟେକଟିରେ ଯେ ଉପଯୁକ୍ତ ଭାବରେ ସେ ସମ୍ମାନିତ ହୋଇଛନ୍ତି ତାହା ନୁହେଁ, ତେବେ ଉଦ୍ୟୋକ୍ତାମାନଙ୍କର ଆଗ୍ରହ ତାଙ୍କୁ ଆକର୍ଷଣ କରିନିଏ ବିଭିନ୍ନ ସ୍ଥାନକୁ। ତାହା ହିଁ ତାଙ୍କର ଆନନ୍ଦ; ତରୁଣ, ଯୁବକ, ପ୍ରୌଢ଼ ସମସ୍ତଙ୍କ ସହିତ ମିଶିବେ, ଭାବଧାରା ଗ୍ରହଣ କରିବେ, ଦେବେ ନେବେ, ଏଇଆ।

ଲାଇବ୍ରେରିରୁ ବହି ଆଣି ଚୌଧୁରୀ ଚିପି ରଖୁଛନ୍ତି ଉତ୍କଳଗୌରବ କୁଳବୃଦ୍ଧ ମଧୁସୂଦନଙ୍କର ବାଣୀଗୁଡ଼ିଏ- ସଭାରେ ବ୍ୟାଖ୍ୟାନ ଦେବେ। ମହାତ୍ମା ଗାନ୍ଧୀ ଯାହା ଚିନ୍ତା କରିପାରି ନ ଥିଲେ, ଗୋଟାଏ ଓଡ଼ିଆ ତାହା ବହୁ ଆଗରୁ ଚିନ୍ତା କରିଥିଲା- ଏହାର ପ୍ରମାଣ ଦେଲାବେଳେ ଶ୍ରୋତୃମଣ୍ଡଳୀ କିପରି ଉଚ୍ଛ୍ୱସିତ କରତାଳି ଦେବେ, ସେ କିପରି ବିନମ୍ରଭାବରେ ମଥା ପୋତି ତାହା ଗ୍ରହଣ କରିବେ, ଏହା ଭାବୁଭାବୁ ନରସିଂହ ଚୌଧୁରୀ ହାତଘଣ୍ଟା ଦେଖିବାରେ ଜାଣିଲେ ଯେ ସନ୍ଧ୍ୟା ସାତଘଣ୍ଟା ଅତିକ୍ରାନ୍ତ ହୋଇଯାଇଛି।

ଯଦି କାର୍‌ଟା ବାଟରେ ଖରାପ ହୋଇଯାଇଥାଏ, ଟାଉନ୍ ଜାଗାରେ କ'ଣ ଟାକ୍ସିର ଅଭାବ ଅଛି ଯେ ଏ ପରିସ୍ଥିତିର ସମାଧାନ ହେବ ନାହିଁ? ଅବା ଫୁଲମାଳ ଆସିବାରେ ଡେରି ହୋଇଥିବ, ତାହା ହେଉ। ଅବଶ୍ୟ ନିଜ ପାଇଁ ନ ହେଲେ ଚଳିଯିବ; କିନ୍ତୁ ପ୍ରୋଗ୍ରାମ୍‌ରେ ଅଛି ଗୁଡ଼ିଏ ପ୍ରଦୀପ ଜଳାଇ ମଧୁସୂଦନଙ୍କର ଆବକ୍ଷ ମୂର୍ତ୍ତି ଉପରେ ବକ୍ତା ପୁଷ୍ପମାଲ୍ୟ ଅର୍ପଣ କରିବେ।

ମୃଦୁଳା ଦେବୀ ବିରକ୍ତିଭାବ ଦେଖାଇ ଘରଭିତରୁ ଆସି କହିଲେ, କାହିଁକି ଯେ ତୁମେ ଏ ସଭା-ସମିତିର ଡାକରାରେ ଭୁଲିଯାଇ ସମସ୍ତଙ୍କୁ 'ହଁ' କରିଦିଅ ମୁଁ ବୁଝିପାରେନି। ଆଉ କ'ଣ ସୁନାମ ନା' ଯଶର ବାକି ଅଛି? ବରଂ ସେତିକି ସମୟ ଘରେ ସୁସ୍ଥଭାବରେ ବସି ରହିଲେ ଭଲ ହୁଅନ୍ତା, ଏବେ ଏ ଯେଉଁ ଅପେକ୍ଷା ତାହା ତ କଷ୍ଟକର ହୁଅନ୍ତା ନାହିଁ!

ଶ୍ରୀ ଚୌଧୁରୀ ଅନ୍ତର୍ଲୀନ ଅବସ୍ଥାରେ ବସିରହିଛନ୍ତି। କ୍ଳାନ୍ତି ଧୀରେ ଧୀରେ ଚକ୍ଷୁପତା ଉପରେ ଆଚ୍ଛନ୍ନ ହୋଇଆସୁଛି। ସେହି ସମ୍ୟକ୍ ତନ୍ଦ୍ରା ଭିତରେ ସେ ଅବଲୋକନ କରୁଛନ୍ତି ମଧୁସୂଦନ କିପରି ପ୍ରଚଣ୍ଡ କ୍ରୋଧରେ ତାଙ୍କ କାରଖାନା ତିଆରି ଜୋତାଗୁଡ଼ାକ କାଟିପକାଉଛନ୍ତି ଆଉ କହୁଛନ୍ତି, 'ବିଦେଶକୁ ଏଇ ଜୋତାଗୁଡ଼ାକ ପଠାଇବି? ଓଡ଼ିଆ କାରିଗର କ'ଣ ମରିଗଲେଣି? ମୋର ସବୁ ସ୍ୱପ୍ନ କଅଣ ବୃଥା ହୋଇଯିବ?'

ପୁଣି ଯେତେବେଳେ କେହି ଜଣେ ତାରକସି କାମର ଗୋଲାପ ଅତର-ଦାନିକୁ ବୁଢ଼ାଙ୍କ ଆଖିଆଗକୁ ନେଇଆସୁଛନ୍ତି, ତାକୁ ଦେଖି ସେ ଚିତ୍କାର କରୁଛନ୍ତି- ''ସାବାସ୍ ଓଡ଼ିଆପୁଅ! ଆରେ ମୁଁ ମରିଗଲେ ବି ଏ ଶିଳ୍ପୀ ବଞ୍ଚିବ... କାଳ-କାଳକୁ ବଞ୍ଚିବ... ଉଠିବେ ସହସ୍ର ଭୁଜା...।''

ରମା ପୁଣି ଆସି ଖବର ଦେଲା- ''ବାପା ଘରଭିତରକୁ ଚାଲ, ସେମାନେ ଆସିବେ ନାହିଁ; ସାଢ଼େ ସାତଘଣ୍ଟା ହୋଇଗଲା। ଆସିଲେ ବି ତମର ଯିବା ଉଚିତ ହେବ ନାହିଁ, କାରଣ ତୁମେ ଜୀବନଯାକ ସମୟାନୁବର୍ତ୍ତିତା ଶିଖେଇ ଆସିଛ ଛାତ୍ରମାନଙ୍କୁ। ସେମାନେ କେତେ ମାତ୍ରାରେ ତାହା ଗ୍ରହଣ କଲେ କି ନ କଲେ ଭିନ୍ନ କଥା। ତୁମର ପ୍ରିନ୍ସିପଲ୍ ଉପରେ ତୁମେ ଦୃଢ଼ ରୁହ।''

ମୃଦୁଳା ଦେବୀ ପାଖରେ ଛିଡ଼ା ହୋଇଥିଲେ। ଟିପ୍‌ପଣୀ ଦେଲେ- ''ବାପାଙ୍କର ଏଇ ଗୋଟିଏ ଦୁର୍ବଳତା... ପାନ ନାହିଁ, ସିଗାରେଟ୍ ନାହିଁ, କୌଣସି ନିଶା ନାହିଁ... ଏଇ ଗୋଟାଏ ନିଶା... ଯିଏ ଡାକିଦେଲା ସଭା-ସମିତି ନାଁରେ, ନାହିଁ କରିବାର ଉପାୟ ନାହିଁ... କ'ଣ ନା ସାଂସ୍କୃତିକ ଚେତନା ପ୍ରସାର କରିବେ ବାପା। ତୁ ତ ଜାଣୁ କେତେଥର ସଭା ପରେ ବାପା ଚାଲିଚାଲି ଆସିଛନ୍ତି, କେତେ ଥର ଅଖିଆ ଅପିଆ ଫେରିଛନ୍ତି। ମୁଁ କାଳେ ବିରକ୍ତ ହେବି ଭାବି ଚୁପ୍‌ଚାପ୍ ଶୋଇ ଯାଇଛନ୍ତି କିଛି ନ ଖାଇ। ସଭାର ଉଦ୍ୟୋକ୍ତାମାନେ ସଭା ପରେ ଆଉ ଷ୍ଟେଶନକୁ ଆସିନାହାନ୍ତି। ବାପା ନିଜେ ଟିକେଟ କରି ଗାଡ଼ିରେ ବସି ଫେରିଛନ୍ତି; ଅଥଚ ଏ ଅପମାନ ଅସମ୍ମାନର ଛାୟା ବି ତାଙ୍କୁ ସ୍ପର୍ଶ କରି ନାହିଁ। ଉଠ, ଘରକୁ ଆସ। ମଧୁବାବୁଙ୍କ ଜୟନ୍ତୀ ଅବା ଜନ୍ମ-ମୃତ୍ୟୁ ଏ ଦେଶରେ ସବୁ ସମାନ। ଜନ୍ମକୁ ମୃତ୍ୟୁ ବା ମୃତ୍ୟୁକୁ ଜନ୍ମ କହିଲେ ବି ଚଳିଯିବ।''

ନରସିଂହ ଚୌଧୁରୀ ତଥାପି ସ୍ଥାଣୁ ନିସ୍ପନ୍ଦ ଭାବରେ ବସି ରହିଲେ ଆକାଶର ଏକ ପ୍ରାନ୍ତ ଉପରେ ଦୃଷ୍ଟି ରଖି। ମନେପଡ଼ିଗଲା ଖରାବେଳର ସେ ଦୃଶ୍ୟ। ସଭାକୁ ନିମନ୍ତ୍ରଣ କରିବାକୁ ଯେଉଁ ବ୍ୟକ୍ତି ଆସିଲେ ତାଙ୍କର ଆଗ୍ରହ, ତାଙ୍କର ନମ୍ରତା, ତାଙ୍କର ମିଷ୍ଟବାଣୀ, ତାଙ୍କର ବିଗଳିତ ହେବାର ଭଙ୍ଗୀ। ନରସିଂହ ଚୌଧୁରୀଙ୍କୁ ବକ୍ତା ଭାବରେ ନ ନେଲେ ମଧୁସୂଦନ ଦାସଙ୍କର ଆତ୍ମା ଯେ ଅବସୋସ କରିବ, ତାହାର ଚେତନା ଦେଇ ନିମନ୍ତ୍ରଣକାରୀ ବ୍ୟକ୍ତି ଯେ ଭାଷ୍ୟ ରଚନା କଲେ, ରବିବାସରୀୟ ମଧ୍ୟାହ୍ନରେ, ସେସବୁ ଦୃଶ୍ୟ ଓ କଥା ନରସିଂହ ଚୌଧୁରୀଙ୍କର ସ୍ମରଣରେ ଆସିଗଲା।

ଆଜି ରବିବାର, କଲେଜ ନାହିଁ, କିନ୍ତୁ ଶାନ୍ତି କାହିଁ? ଏ ଯେ ବିଶ୍ୱବିଦ୍ୟାଳୟ ପରୀକ୍ଷା ପରିଚାଳନା, ପୁଲିସ ଫୌଜ, ପିଲାଙ୍କର 'କପି କରିବା ଜନ୍ମଗତ ଅଧିକାର' ସ୍ଲୋଗାନ- ଏସବୁ ଭିତରେ ଶାନ୍ତି କାହିଁ?

''ଆସିପାରେ କି?''

> ଲୋକପ୍ରତିନିଧି ସେତେବେଳକୁ ଫାଟକ ପାଖରେ ଉଭା। ପଛକୁ ଆଉ ଚାହିଁନାହାନ୍ତି। ନରସିଂହ ଚୌଧୁରୀ ଦୁଇ ଦୁର୍ବଳତାକୁ... ଅର୍ଥାତ୍ ଲୋକପ୍ରତିନିଧିଙ୍କର ଦୁର୍ବଳତାକୁ ତୁଳନା କରି ଭାବୁଥିଲେ- ସମାନ ତ ହେଲା ନାହିଁ।



''କିଏ?''

ମୁଣ୍ଡ ଉପରେ ଗାମୁଛା, ପାଦରେ ଚପଲ, କାଖ ଭିତରେ ଛତା, ହାତରେ ମୁଣି... ଅପୂର୍ବ...

''ଆପଣ ଏ ସମୟରେ? ଏତେ ଖରାଟାରେ... ଆସନ୍ତୁ ଆସନ୍ତୁ! କେବେ ତ ଆସନ୍ତିନି, ହଠାତ୍। ସଞ୍ଜବେଳେ ଆସିଥିଲେ ଭଲ ହୋଇଥାନ୍ତା... ଏବେ ଖରାଟାରେ?'' ନରସିଂହ ଚୌଧୁରୀ ଉଠିଯାଇ ସମ୍ଭ୍ରମରେ ଆଗନ୍ତୁକଙ୍କୁ ବୈଠକଖାନାକୁ ଘେନିଆସିଲେ।

ଡାକିଲେ- ''ରମା, ଲୋକପ୍ରତିନିଧି ଆସିଛନ୍ତି! ମାଆଙ୍କୁ କହ ଖରାବେଳଟାରେ ଆସିଛନ୍ତି... ସର୍ବତ୍ କି ଦହି-ଲୁଣ ଯାହା ଅଛି ଶୀଘ୍ର ଆଣିବେ।''

ଲୋକପ୍ରତିନିଧି ଆଡ଼କୁ ଚାହିଁ କହିଲେ- ଖାଇସାରି ଆସିଛନ୍ତି ତ... ସେ କଥା କହନ୍ତୁ- ନ ଖାଇଥିଲେ ସବୁ ବ୍ୟବସ୍ଥା ହୋଇଯିବ। ଏଡ଼େ ସମ୍ମାନୀୟ ବ୍ୟକ୍ତି, ଏପରି ଭାବରେ ଆସିଲେ...

ଚୌଧୁରୀ ସତରେ ସଙ୍କୁଚିତ ହୋଇଗଲେ।

ଲୋକପ୍ରତିନିଧି ଟିକିଏ ସୁସ୍ଥ ହେବାପରେ କହିଲେ- ଆଗ ଶପଥ କରନ୍ତୁ, ଆପଣ 'ନାହିଁ' କରିବେ ନାହିଁ ମୁଁ ଯାହା କହିବି। ଆପଣଙ୍କ ବ୍ୟତୀତ ସେ କାର୍ଯ୍ୟ ସୁସମାହିତ ହୋଇପାରିବ ନାହିଁ। ପିଲାଏ ଲଗାଇଛନ୍ତି... ଟାଉନ୍‌ର ବାସିନ୍ଦା... ସେଇ ଏକା କଥା-ମାନେ କହିବାକୁ ଗଲେ ଆବାଳବୃଦ୍ଧବନିତା।

ଚୌଧୁରୀ ଆନନ୍ଦିତ ହେଲେ। ତେବେ ଆଶଙ୍କା ହେଲା, ଯଦି ଲୋକପ୍ରତିନିଧି ଅସମ୍ଭବକୁ ସମ୍ଭବ କରିବା ପାଇଁ କହୁଥିବେ, ଯାହା ଏଇ ଶ୍ରେଣୀୟ ବ୍ୟକ୍ତିଙ୍କର ଖୁବ୍ ଅଭ୍ୟାସ। ତେବେ ଆନନ୍ଦ ପରିବର୍ତ୍ତେ ପରିଶେଷରେ ଦୁଃଖିତ ହେବାକୁ ପଡ଼ିବ।

ସ୍ତ୍ରୀ ମୃଦୁଳା ଦେବୀ ଉପସ୍ଥିତ ହେଲେ ଦହି, ଲୁଣ ଓ ଲେମ୍ବୁରସରେ ଗ୍ଲାସ୍ ଭର୍ତ୍ତିକରି। ଲୋକପ୍ରତିନିଧିଙ୍କୁ ପରିଚୟ କରାଇ ଦେବାରେ ସେ ଆଶ୍ଚର୍ଯ୍ୟ ହେଲେ, କାରଣ ତାଙ୍କୁ କେବେ ସେ ଦେଖି ନାହାନ୍ତି, କେବଳ ପତ୍ରପତ୍ରିକାରୁ ଓ ଲୋକମୁଖରୁ ତାଙ୍କର ନାଁ ଶୁଣିଛନ୍ତି। ତେଣୁ ଏଭଳି ଅପୂର୍ବ ବ୍ୟକ୍ତିପୁରୁଷଙ୍କୁ ଦେଖିବାମାତ୍ରେ ସେ ଯଥୋଚିତ ସମ୍ମାନ ଦେଇ ଉପବେଶନ କଲେ।

ପାନୀୟ ଶେଷ ହେବା ପରେ ମୃଦୁଳା ଦେବୀ ପାତ୍ରଟିକୁ ଧରି ପ୍ରସ୍ଥାନ କରିବାରୁ ଲୋକପ୍ରତିନିଧି କହିଲେ... ''କଅଣ ରାଜି?''

ଚୌଧୁରୀ କହିଲେ... ବିଷୟଟା ଜାଣି ନାହିଁ, କି ଉତ୍ତର ଦେବି?

ଲୋକପ୍ରତିନିଧି ହସିଲେ। କହିଲେ- ''ଆଜି ସନ୍ଧ୍ୟା ସାଢ଼େ ଛଅଟାରେ ମଧୁବାବୁଙ୍କ ଜୟନ୍ତୀ ଉତ୍ସବ ପାଳନ ହେବ କ୍ଲବ ଘରେ। ସବୁ ଆୟୋଜନ ଶେଷ, କେବଳ ଆପଣଙ୍କର ସ୍ୱୀକୃତି। ମୁଁ ଜାଣେ ଅନ୍ୟ କେହି ଆସିଲେ ଆପଣ ମନା କରିଦେଇଥା'ନ୍ତେ ଏବଂ କହିଥା'ନ୍ତେ ପରୀକ୍ଷା ପରିଚାଳନା ଦାୟିତ୍ୱ ଘେନି ଆପଣଙ୍କର ମାନସିକ ଶାନ୍ତି ବିନଷ୍ଟ; ତେଣୁ ଆପଣ ସଭା-ସମିତିରେ ଯୋଗଦେଇ ପାରିବେ ନାହିଁ। ମୁଁ ସେଥିପାଇଁ ନିଜେ ଆସିଲି। ଆପଣଙ୍କୁ ଯିବାକୁ ହେବ। ଠିକ୍ ସମୟରେ କାର୍ ଆସିଯିବ... ସବୁ ବ୍ୟବସ୍ଥା ହୋଇଛି।''

ନରସିଂହ ଚୌଧୁରୀ ଅନୁଗୃହୀତ ହେଲେ। ଦୁର୍ବଳତାର ବିଜୟ ହେଲା। ସେ ହଁ ଭରିଲେ।

ଲୋକପ୍ରତିନିଧି ଯିବା ପାଇଁ ପ୍ରସ୍ତୁତ ହେଲେ; କିନ୍ତୁ ଯାଉ ନ ଥାନ୍ତି। ଶେଷରେ କହିଲେ-

''ପରୀକ୍ଷା କେମିତି ଚାଲିଛି?''

''ଅଶାନ୍ତିକର ପରିସ୍ଥିତି।'' – ଚୌଧୁରୀ ଉତ୍ତର ଦେଲେ।

''ପିଲାଏ ଏକ୍ସପେଲ୍ ହେଉଛନ୍ତି?''

''ହେଉଛନ୍ତି।''

''ଯାହାହେଉ; ଅଧ୍ୟକ୍ଷ ଭାବରେ ଆପଣ କାମ ଚଳାଇ ନେଉଛନ୍ତି।''

''ମୋଟେ ନୁହେଁ, ବରଂ ମୁଁ ମର୍ମାହତ।''

ଲୋକପ୍ରତିନିଧି ହଠାତ୍ ଚମକି ପଡ଼ିଲେ। କଅଣ ତାଙ୍କର ମନେପଡ଼ିଗଲା। ଆଖି ଦୁଇଟାକୁ ବଡ଼ବଡ଼ କରି କହିଲେ ଶୁଣନ୍ତୁ, ଆସିବାବେଳେ ପୁତୁରା କହିଲା ସେ କଅଣ କପି କରୁଥିବାରୁ ଧରାପଡ଼ିଛି। ସେ ତ କହୁଛି ସେ କପି କରୁ ନ ଥିଲା। ଛୋଟ ଚିରକୁଟି କାଗଜ ତା' ପାଖରୁ ମିଳିଲା। ସେଇଟା ବା କି ଅପରାଧ... ମୁଁ ତାକୁ ବୁଝାଇଦେଲି। ଆପଣ କଅଣ କାର୍ଯ୍ୟାନୁଷ୍ଠାନ କରିଛନ୍ତି ତା' ବିଷୟରେ?

ଚୌଧୁରୀ ଉତ୍ତର ଦେଲେ ଅଗତ୍ୟା ଯେଉଁମାନେ ଧରାପଡ଼ିଛନ୍ତି ରିପୋର୍ଟ ହୋଇଥିବ।

'ଘୋଡ଼େଇ ହୋଇପାରିବନି?'

''କ୍ଷମା କରିବେ, ହଲ୍ ଭିତରେ ସମସ୍ତେ ଜାଣିଥିବେ। ଦୁଇଦିନ ତଳର କଥା, ରିପୋର୍ଟ ତ ବାକି ପଡ଼େନାହିଁ, ସେହିଦିନ ଚାଲିଯାଏ।''

ଲୋକପ୍ରତିନିଧିଙ୍କର ମୁଖମଣ୍ଡଳରୁ ଜଣାପଡ଼ିଲା ସେ ଆଶାହୀନ ହୋଇପଡ଼ିଲେ। ପୁତୁରାର ଦୌତ୍ୟସାଜି ଆସିବାରେ ସୁଫଳ ନାହିଁ ବୋଲି ସେ ବୁଝିପାରିଲେ।

ସେ ଉଠିଲେ।

ଚୌଧୁରୀ ବି ଉଠିଲେ... ନମସ୍କାର ନିବେଦନ କରି କହିଲେ, ''କ୍ଷମା କରିବେ, ଆପଣଙ୍କର ଅନୁରୋଧ ରକ୍ଷା କରିପାରିଲି ନାହିଁ।''

''କଅଣ ମିଟିଂକୁ ଯିବେ ନାହିଁ?''

''ନା, ନା, ସେ କିମିତି କଥା; ସେ ତ ମୋର ଆନନ୍ଦ! ଆପଣ ଯେତେବେଳେ ଏତେ ଖରାରେ ମତେ ନିମନ୍ତ୍ରଣ କରିବାକୁ ଆସିଲେ, ମୁଁ ଏତିକି ସୌଜନ୍ୟ ଦେଖେଇ ପାରିବି ନାହିଁ? ମୁଁ କହୁଥିଲି ପୁତୁରା କଥା...''

ଲୋକପ୍ରତିନିଧି ସେତେବେଳକୁ ଫାଟକ ପାଖରେ ଉଭା। ପଛକୁ ଆଉ ଚାହିଁନାହାନ୍ତି। ନରସିଂହ ଚୌଧୁରୀ ଦୁଇ ଦୁର୍ବଳତାକୁ... ଅର୍ଥାତ୍ ଲୋକପ୍ରତିନିଧିଙ୍କର ଦୁର୍ବଳତାକୁ ତୁଳନା କରି ଭାବୁଥିଲେ- ସମାନ ତ ହେଲା ନାହିଁ।

ଦେବାଳୟର ବାହାରେ ଜୋତା ରଖି ଭକ୍ତମାନେ ଦେବଦର୍ଶନ କରିବାକୁ ଯାଆନ୍ତି। ସାଙ୍ଗରେ ଘେନିଥା'ନ୍ତି ଗୋଲାପଗୁଚ୍ଛ- ପ୍ରତିମା ପାଖରେ ସମର୍ପଣ କରିବାକୁ। ମଧୁବାବୁ ଜୋତା କାରଖାନାରେ ଜୋତା ତିଆରି କରୁଥିଲେ, ତାରକସି ଗୋଲାପ ପୁଷ୍ପ ଭିତରେ ଅତର ରଖିଥିଲେ।

ନରସିଂହ ଚୌଧୁରୀ... ଅଧ୍ୟକ୍ଷ ଓ ଶିକ୍ଷାବିତ୍... ଜୋତାର ସ୍ୱରୂପ ଦେଖିଲେ, ଗୋଲାପକୁ ଆଘ୍ରାଣ କଲେ।

ତେଣେ ମଧୁ-ଜୟନ୍ତୀ ପର୍ବ ଅନୁଷ୍ଠିତ ହୋଇଗଲା।

''ବାପା, ଆସ ଘର ଭିତରକୁ... ରାତି ନଅଟା ବାଜିଲା ଯେ! ମାମା କହୁଛନ୍ତି ଯେ ବାପାଙ୍କୁ ଖୁବ୍ ଶିକ୍ଷାଟାଏ ହେଲା'' – ରମାର ମନ୍ତବ୍ୟ।

ଚୌଧୁରୀ ଉଠିଲେ, ଟପ୍‌ଟପ୍ କରି ଗଳାବନ୍ଧା କୋଟ୍‌ର ପ୍ରତ୍ୟେକଟି ବୋତାମ ଖୋଲିଲେ। ନିଃଶ୍ୱାସରେ ସେ କଥା କହିଲେ... ଓଃ, ବଡ଼ ଉଶ୍ୱାସ ଲାଗିଲା... ଅହଂଟା ଏତେବେଳଯାଏ ବଡ଼ କଷ୍ଟ ଦେଉଥିଲା; ଏବେ ସେ ଅହଂ ନଷ୍ଟ ହୋଇଯାଇଛି। ଖୁବ୍ ଶାନ୍ତି।

ସମ୍ବାଦପତ୍ରରେ ଦିନକ ପରେ ଖବର ପରିବେଷଣ- ମଧୁଜୟନ୍ତୀ ଉପଲକ୍ଷେ ସଭାରେ ଲୋକପ୍ରତିନିଧିଙ୍କର ଅନବଦ୍ୟ ଭାଷଣ...

ସମ୍ବାଦପତ୍ର ହାତରେ ଧରି ନରସିଂହ ଚୌଧୁରୀ କ୍ଷୀଣ ହସ ହସି ମନକୁ ମନ କହିଲେ-

''ଦେବାଳୟଟି ସୁନ୍ଦର... କିନ୍ତୁ ପ୍ରତିମାଟି ଦୁର୍ବଳ।''






## ଇତିହାସର ଈର୍ଷା

**ଭରତ ବେହେରା**

ଦଶ ବର୍ଷରେ ନା ଶହେ ବର୍ଷରେ
କଡ଼ ଲେଉଟାଏ ଇତିହାସ
ଅକାଳରେ ହାନିହୁଏ ସୁନା ଶସ୍ୟ
ଦୁର୍ଲଭ ମଣିଷ ।
ବିପର୍ଯ୍ୟୟର କେତେ ନାମ ରୂପ
ରାଗ ଲୟ ଛନ୍ଦ
ପ୍ଲେଗ୍, ସ୍ପେନିଶ୍ ଫ୍ଲୁ, ଦୁର୍ଭିକ୍ଷ... କରୋନା ।

ଏତେ ସହଜ ନୁହେଁ ଠାବ କରିବାକୁ
ମହାମାରୀର ନିଚ୍ଛିଦ୍ର ନିଦାନ
ଏତେ ସହଜ ନୁହେଁ ବର୍ତ୍ତିବାକୁ
ଜ୍ୱାଳାମୟୀ ଜର୍ଜର ଆଁରୁ ।
ତମାମ ଦି'ହଜାର କୋଡ଼ିଏ ବର୍ଷର
ବିଷାଦ, ଅବସାଦ
ଚୂନାକରେ ବିଶ୍ୱବାସୀ ମଞ୍ଜି
କାନ୍ଦୁଣୁମାନ୍ଦୁଣୁ ହେଉଥା'ନ୍ତି
ବାଳବୃଦ୍ଧ ଯୁବଯୁବା ପ୍ରାଣ ।

ତୁଟିଯାଏ ବନ୍ଧନର ନିବିଡ଼ ସମ୍ପର୍କ
ଛଅଫୁଟର ଦୂରତା, ମୁଖାଭର୍ତ୍ତି ମୁହଁ
ଠଉରେଇ ହୁଏ ନାହିଁ
ହସ ଅବା ଥମ୍‌ଥମ୍ ମୁହଁ ।
ଲକ୍‌ଡାଉନ, ଶଟ୍‌ଡାଉନ
ହୋମ୍ କ୍ୱାରେଣ୍ଟିନ୍‌ର ଶାସ୍ତି
ଅନୁଦିନ ଭୋଗ କରେ ନିଃସଙ୍ଗ ଓ ସସଙ୍ଗ ମଣିଷ ।

କିଏ ଜାଣେ ? କେବେ ଥମିବ
ମହାମାରୀ ମଡ଼କର କରାଳ କୁହାଟ
କେବେ ହାତକୁ ହାତ, ଛାତିକୁ ଛାତି
ଓଠକୁ ଓଠ ମିଶାଇ ଜାବୁଡ଼ି ଧରିବ ପ୍ରେମିଳ ମଣିଷ ।
ଏମିତି କ'ଣ ଈର୍ଷା କରେ ଇତିହାସ
କଡ଼ ଲେଉଟାଏ
ଅଟକାଇ ମଣିଷ ଜାତିର ଶ୍ୱାସ ଓ ପ୍ରଶ୍ୱାସ ।

ମୋ: ୯୪୩୭୫୭୦୧୨୦

## ବୃକ୍ଷ ନୁହେଁ ବୋଧିସତ୍ତ୍ୱ

**ହେମନ୍ତ କୁମାର ରାଉତ**

ପାଦରେ ଚେରର ପାଉଁଜି ପିନ୍ଧି
ଫୁରୁଫୁରୁ ପତ୍ରର କେଶରେ ଫୁଲଗୁନ୍ଥି
ନାକରେ ଫୁଲକଡ଼ି ନାଇ
ପ୍ରିୟତମ ଚଢ଼େଇକୁ କୋଳରେ ବସେଇ
ଗୀତ ଶୁଣେ ।

କେବେ ନୀଳନୟନାମାନଙ୍କ ଆକର୍ଷଣରେ
ପୃଥିବୀରେ ଅମୃତଝର ଝାରିଦିଏ
ମେଘମାଳା ।
କେବେ ଆପଣା ନିଃଶ୍ୱାସରେ
ଉଶ୍ୱାସ କରେ ବସୁନ୍ଧରା ।

କେବେ ବିଶ୍ୱମଣିଷକୁ ବହିନିଏ ପିଠି ଉପରେ
ଜୁଇର ମହାବିଲୁପ୍ତି ଆଡ଼କୁ ।
ତା' ମୂଳରେ ବସିଥିବା ମଣିଷ
ବୋଧିସତ୍ତ୍ୱ ପାଲଟିଯାଏ
ଅୟୁତ ରାତିରେ ମହାକାଳ ଛାତିରେ
ଆତ୍ମସ୍ଥ ହୋଇଯାଏ
ନୀଳନକ୍ଷତ୍ରମାନଙ୍କ ସହ
କେବେ ସୁନାମି ବନ୍ୟା ଝଡ଼ ସମୁଦ୍ର ଢେଉ
ଆଗରେ ସହସ୍ର ବାହୁକୁ ପ୍ରସାରିତ କରେ
ଭାଙ୍ଗିଯାଏ ଡାଳ ଲଢ଼ି ଲଢ଼ି ଛିଡ଼ି ଛିଡ଼ି
ମୂଳ ଉପୁଡ଼ିଯାଏ ।

ବାର୍ହାପୁର, କୋଇଲିପୁର, କେନ୍ଦ୍ରାପଡ଼ା

## ଭାରତବର୍ଷ

**ବିପିନ୍ ବେହେରା**

ଡମ ଟ୍ୟାପ୍ ଖୋଲିଲେ
ପାହାଡ଼ି ଝରଣା ପରି ଝରଝର ଝରିଯାଉଛି
କାଚକେନ୍ଦୁ ଅମୃତ
ଆମ ଲୁହାର ଡିଙ୍ଗିଆକୁ
ହଜାରେ ଥର ପିଟିଲେ ବି ଝରୁନି
ଟୋପେ ଗୋଳିଆ ବିଷ
ଏଇ ମୋର ଦେଶ ଭାରତବର୍ଷ ।

ଯେଉଁଠି କଲମମୁନରେ ଫଳେ ଶସ୍ୟ
ଫାଇଲ୍ ତଳେ ଚାପି ଦିଆଯାଏ
ବନ୍ୟା, ବାତ୍ୟା, ମରୁଡ଼ିର ଚାପା ଦୀର୍ଘଶ୍ୱାସ
କଅଁଳା ଛୁଆର କାନ୍ଦ
ବିଧବାର ଭଙ୍ଗା ପାଣିକାଚ
ଯେଉଁଠି ସବୁ ବିଦ୍ରୋହ ଓ ପ୍ରତିବାଦ
ଶୂନ୍ୟ, ନିରର୍ଥକ ।

ଯେଉଁଠି ତେଲିଆ ମୁଣ୍ଡରେ ତେଲ
ମଣିଷର ହାଡ଼କୁ ଶିଡ଼ିକରି କିଛି
ଚତୁର ଶୃଗାଳ ତୋଳୁଥା'ନ୍ତି
ଆକାଶର ତାରାଫୁଲ ।
ଯେଉଁଠି ନିଆଁର ନହକା ଡାହିରେ ଚଢ଼ିଛି
ବାରୁଦର ସତିଆ ରାଧୁଆ
ଡାକପାରୁଛି ବାଘ ଖାଇଗଲା
ଧାଇଁ ଆସ ହୋ ଧାଇଁ ଆସ
ଏଇ ମୋର ଦେଶ ଭାରତବର୍ଷ ।

ମୋ: ୯୮୫୩୫୭୯୪୮୪

## ଜନ୍ନତ୍

**ଡ. ଗୌରୀଶଙ୍କର ସାହୁ**

ଜନ୍ନତ୍ ଦେଖିଛ,
ଜନ୍ନତ୍ ?

ଏଇ ଗତକାଲି କାବୁଲରେ ଓହ୍ଲାଇଛି ଜନ୍ନତ୍ !
ଯୌନଦାସୀଙ୍କ ଛାତିରେ ଭରାଦେଇ ଓହ୍ଲାଉଛି
ଜନ୍ନତ୍ !

ଜନ୍ନତ୍ ଆଉ କ'ଣ ଯେ ?
ମନଭରି ଆହାର ବିହାର,
ଦେହ ସୁଖ ଆଉ ।

ସେଇଥିପାଇଁ ତ ଆଜି ବନ୍ଦ ଫରୁଆରୁ
ଫଣା ଟେକିଛି ଫତୱା,
ରାଜରାସ୍ତାରେ ନିଲାମ ହେଉଛି ଦେହ,
ନାରୀ ଦେହ–
ପନ୍ଦରରୁ ପଇଁତିରିଶ,
ନିଲାମ ଧରିବେ
ଜେହାଦୀ ପୁରୁଷ
ଅଠରରୁ ଅଶୀ ।

ଜନ୍ନତ୍‌ରେ ଅଧିକାର ଖାଲି ଜେହାଦୀଙ୍କର
ଏକଥା ବୁଝିକି ବି କୋଉ ବୁଝିଛି ବଳକା ବିଶ୍ୱ ?

ଏରୋପ୍ଲେନ୍ ଏବେ ଟ୍ରେକର,
କିଏ ଝୁଲିଛି ଡେଣାରେ ତ କିଏ ଚକ ତଳେ
ଆକାଶରୁ ଖସୁଛନ୍ତି ଜିଅନ୍ତା ମୁର୍ଦାର ।

ଜନ୍ନତ୍‌କୁ ନାହିଁ ନାହିଁ କରୁଛି
ମଣିଷପଣିଆରେ ବିଶ୍ୱାସୀ
ବିଶ୍ୱ, ବ୍ୟତିକ୍ରମ ଯାହା
ତଥାକଥିତ କିଛି ପବିତ୍ର ଦେଶ...

ମୋ: ୭୯୭୮୪୨୧୮୩୫

## ମୁଁ

**ସାଗରିକା ପଟ୍ଟନାୟକ**

ମୁଁ ଫେରିବି
ତୁମ କାମୁକ ମନକୁ
ଛାତି ଭିତରେ
କଏଦ କରିବାକୁ

ମୁଁ ଫେରିବି
ତୁମ ପୁରୁଷପଣକୁ
ତନ୍ନତନ୍ନ କରି
ଦେହସାରା ଲେସି ହେବାକୁ

ମୁଁ ଫେରିବି
ତୁମ ପ୍ରେମିକ ସତ୍ତାକୁ
ସିନ୍ଥିରେ ସଜେଇ
ସ୍ୱୀଟିଏ ହେବାକୁ

କଥା ଦେଉଛି... ।

ମୋ: ୯୮୫୩୭୬୮୨୫୬

**ଗୀତି-କବିତା**

## ଧୂଳିସଞ୍ଜର ଗୀତ

**ଧନଞ୍ଜୟ ସ୍ୱାଇଁ**

ଏ ଧୂଳିସଞ୍ଜରେ ଗେରୁଆ ରଙ୍ଗ
କିଏ ଲିପିଦେଲା ଆସି ?
ତାରାର ତୁଠରେ ପାଦର ପାହୁଡ଼
ଜହ୍ନ ମାଜିଲାଣି ବସି ।

ସାତ ମୁରୁଜରେ ପସରା ମେଲିଛି
ବାରୁଣୀ ଗଗନ ଅବା
ସଞ୍ଜସଳିତାର ସୁନେଲି ଶିଖାରେ
ରାତି ଦିଶେ ମନଲୋଭା
କଟୀମେଖଳାରେ ଆକାଶ ଦେଇଛି
ତାରାଫୁଲ ଅବା ଖୋସି
ଜହ୍ନ ମାଜିଲାଣି ବସି... ।

ଅସ୍ତାଚଳର ଆକାଶେ ସୂରୁଯ
ସିନ୍ଦୂର ଦେଲାଣି ବୋଳି
ଗୋଧୂଳି ସଞ୍ଜ ନଇଁନଇଁ ଆସେ
ଅବଗୁଣ୍ଠନ ଟେକି
ରାତିର କପାଳେ ଜହ୍ନର ଟିକିଲି
ସୁନ୍ଦର ଦିଶୁଛି ବେଶି
ଜହ୍ନ ମାଜିଲାଣି ବସି... ।

ମୋ: ୯୪୩୭୦୦୦୬୩୬



# ବାଞ୍ଛିତ ମୃତ୍ୟୁ

**ଗଳ୍ପ**

ପ୍ରବୋଧ ରାଉତ

ରକ୍ଷୀମାନେ ସେମିତି ନୀରବ, ନିଶ୍ଚଳ ଥିଲେ। ସତର୍କ ନ ଥିଲେ। ଅସତର୍କ ଥିଲେ ବି ଯୁକ୍ତିସଂଗତ ସତର୍କ ନ ଥିଲେ ବୋଲି ସ୍ୱୀକାରିବାକୁ ବି ରାଜି ନ ଥିଲେ। ସେମାନଙ୍କ ଅବୟବ ଚାଳନା ସେମିତି କିଛି ଫରକ ଆଣୁନଥିଲା। ପଥର ଶିଳ୍ପୀର ନିଖୁଣ କଳାର ନମୁନା ପରି ପ୍ରତ୍ୟୟ ହେଉଥିଲେ।

ସେମାନଙ୍କ ଅବସ୍ଥିତି ମୋତେ ସଚେତନ କରିବାକୁ ଯଥେଷ୍ଟ ନ ଥିଲା। ମୁଁ ଯେହେତୁ ଏକ ଶାନ୍ତ, ନିରୁପଦ୍ରବ ମୃତ୍ୟୁ କାମନା କରୁଥିଲି, ଏମାନଙ୍କ ଅବସ୍ଥିତି ଭୀତି ସଂଚାର ପରିବର୍ତ୍ତେ ମୋତେ ବେପରବାୟ କରିଦେଉଥିଲା।

ସମ୍ଭବତଃ ମୋ' ମୃତ୍ୟୁ ଫଇସଲାକୁ ସେମାନେ ତର୍ଜମା କରିବାକୁ ଚାହୁଁ ନ ଥିଲେ। ଏତିକି ମାତ୍ର ସେମାନଙ୍କ ପଲକ ଓ ତନ୍ମଧ୍ୟସ୍ଥ ଚକ୍ଷୁଡୋଳାର ଚମକରୁ ଜଣାପଡୁଥିଲା ସେମାନେ ଚକିତ ହେଉଥିଲେ। ମୃତ୍ୟୁ ପୂର୍ବର କାତରତା ମୋ' ଆଖିରେ ଦେଖିପାରୁ ନ ଥିଲେ ବୋଲି।

ସେମାନେ ମୋତେ ଶିକୁଳିମୁକ୍ତ କରିବାକ୍ଷଣି ମୁଁ ଖଣ୍ଡେ ସିଗାରେଟ୍‌ରେ ନିଆଁ ଧରେଇଲି। ଇଚ୍ଛା କରିଥିଲେ ଧୂମକୁଣ୍ଡଳୀଗୁଡ଼ିକୁ ସେମାନଙ୍କ ମୁହଁଆଡ଼କୁ ନିକ୍ଷେପ କରିପାରିଥା'ନ୍ତି। ଏପରି କରିବା ଦ୍ୱାରା ସେମାନଙ୍କୁ ଅସମ୍ମାନ କରିବା ନୁହେଁ ବରଂ ସଚେତନ କରିବାକୁ ଚେଷ୍ଟା କରିପାରିଥା'ନ୍ତି।

ପରମୁହୂର୍ତ୍ତରେ ଚାକିରି କାଳରେ ଏମିତି ବହୁ ମୃତ୍ୟୁକାଳୀନ ବନ୍ଦୀଙ୍କର ପହରାଦାରି କରିକରି ତାହା ସେମାନଙ୍କ ଦେହସୁହା ହେଇଯାଇଥିଲା। ଆସନ୍ନ ମୃତ୍ୟୁର ଅନ୍ତିମକ୍ଷଣରେ ପଳାୟନ କରିବା ଅଥବା ଆକ୍ରମଣ କରିବାର ସବୁ ସ୍ପୃହା ହରାଇ ସାରିଥିବା ବନ୍ଦୀମାନଙ୍କୁ ବିଶେଷ ପହରା ଦେବାର ଆବଶ୍ୟକ ନ ଥିବା କାରଣରୁ ସେମାନଙ୍କ ଯୌବନୋଚ୍ଛଳ ଦେହ ଶ୍ଳଥ ହେଇଯାଇଥିଲା।

ସେମାନଙ୍କ ମଧ୍ୟରୁ ଜଣେ ମୋ' ଆଡ଼କୁ ଦୃଷ୍ଟି ନିକ୍ଷେପ କଲା। ଯେମିତି ଇସାରାରେ ମୋ' ଅପରାଧ ଜାଣିବାକୁ ଜିଜ୍ଞାସା ଜାହିର କଲାପରି ଲାଗିଲା। ମୁଁ ସେଥିପ୍ରତି ନିଘା ନ ଦେଇ ପୂର୍ବପରି ସିଗାରେଟ୍ ଜଳେଇବାରେ ମୋର ପ୍ରତିବଦ୍ଧତାକୁ ଦୋହରେଇଲି।

ସେ ନିରାଶ ହେଲାନି। ମୋର ନିକଟତର ହେଲା। ବନ୍ଦ କୋଠରିର ରେଲିଂ ପାଖକୁ ଲାଗି ଆସି କାନ ଡେରିଲା। ଅନ୍ୟ ରକ୍ଷୀମାନେ ସେଥିପ୍ରତି ସ୍ପୃହା ଦେଖାଇଲେ ନାହିଁ। ସେମାନଙ୍କ ହମଦରଦିରେ ବନ୍ଦୀମାନଙ୍କର ସତ୍ତାରେ କିଛି ଫରକ ପଡୁ ନ ଥିବା କାରଣରୁ ସେମାନେ ସେମିତି ଜଡ଼ ନିର୍ବେଦ ପରି ଆଚରଣ ଦେଖାଉଥିଲେ।

ମୁଁ ଜାଣିଥିଲି। ଏମାନେ ବଳପୂର୍ବକ ମୋ' ପାର୍ଥିବ ଶରୀରକୁ ଗୁଳିବିଦ୍ଧ କରିପାରନ୍ତି ଅଥବା ମୃତ୍ୟୁ ପର୍ଯ୍ୟନ୍ତ ଫାଶିଖୁଣ୍ଟରେ ଝୁଲେଇ ରଖିପାରନ୍ତି, ମାତ୍ର ମୁଁ ନ ମରିବାର ସଂକଳ୍ପ କରିସାରିଥିଲି। ଏସବୁକୁ ସେମାନେ ଖିଆଲ ପରି ମଣୁଥିଲେ।

ସ୍ଥୂଳ ଶରୀରର ଆନନ୍ଦ ଆସ୍ୱାଦନ ସେମାନଙ୍କର ଏକମାତ୍ର ଲିପ୍‌ସା ଥିଲା। ଏଣୁ ବିଚାରଧାରାର ମୃତ୍ୟୁ ଅବଶ୍ୟମ୍ଭାବୀ। ଶରୀରର ବିନାଶରେ ବିଚାରଧାରା ମରିଯାଏ ବୋଲି ସେମାନେ ଉପସଂହାର ଲେଖୁଥିଲେ। ପ୍ରତ୍ୟେକ ମଣିଷର ଏକ ସଉକ ରହିବା ଦରକାର। ଯାହା ତାକୁ ତା' ବାଟରେ ଜୀବନ ବଞ୍ଚିବାର ପ୍ରେରଣା ଦିଏ। ମୁଁ ସେମିତି ଏକ ସଉକର ଶିକାର ବୋଲି ସେମାନେ ଧରି ନେଇଥିଲେ ଓ ବିଚାରଧାରାକୁ ସଉକରୁ ଭିନ୍ନ କରି ଦେଖିପାରୁ ନ ଥିଲେ।

ମୁଁ ମୋ' ଧବଳ ଶ୍ମଶ୍ରୁରେ ହାତ ବୁଲେଇଲି। ଦୀର୍ଘ ଦିନର ଅଯତ୍ନ ବର୍ଦ୍ଧିତ ଯୋଗୁ ସେଗୁଡ଼ାକ ଟାଆଁସିଆ ହେଇଥିଲା। ତତ୍‌କ୍ଷଣାତ୍ ମୋର ମନେପଡ଼ିଲା ମୋ' ଟାଆଁସିଆ ଶ୍ମଶ୍ରୁର ଅଦଉତି ସହୁଥିବା ମୋ' ଗବେଷଣାଗାର ସହକର୍ମୀ ମନ୍ଦିରା ଯିଏକି ଅନାୟାସରେ ଏସବୁ ହଜମ କରିନେଉଥିଲା। ହାର୍‌ଜିତ୍ ଉଭୟର ସେଲିବ୍ରେଶନ ପାଇଁ ତା' ଦେହକୁ ପ୍ରସ୍ତୁତ ରଖୁଥିଲା। ମୋ' ଅବସାଦ ଓ ଆମୋଦ ତା' ପାଇଁ ସମାନ ଥିଲା।

ସେ ଏବେ କେଉଁଠି? ଭାବିଲି ତା' ପାଇଁ ଟୋପେ ଲୁହ ଝରେଇବି। ରକ୍ଷୀମାନେ ମୋତେ ଦୁର୍ବଳ ଭାବିବେ ଭାବି ଲୁହଟୋପାକର ତର୍ପଣ ପାଇଁ ମଧ୍ୟ ମୁଁ ନିଜକୁ ଅନୁମତି ଦେଲିନି।

ଆଜି ରାତିଟା କାଟିବାକୁ ଅଛି। ଅନିଦ୍ରା ରହିଲେ ଶରୀର ଅବସନ୍ନ ହେଇଯିବ। ଆସନ୍ତାକାଲି ସକାଳର ସ୍ନିଗ୍ଧ, ଶାନ୍ତ ମୃତ୍ୟୁ ପାଇଁ ଶରୀର ନିଜକୁ ତିଆରି କରି ନପାରେ। ଏଣୁ ସହଜ ହୋଇ ଶୋଇବାକୁ ଚେଷ୍ଟାକଲି। ମୁଁ ଆଖି ବୁଜିବାକ୍ଷଣି ରକ୍ଷୀମାନେ ଚଳଚଞ୍ଚଳ ହୋଇଗଲେ। ସେଇ ଯେଉଁ ରକ୍ଷୀଟା ବନ୍ଦିଶାଳାର ରେଲିଂ ପାଖେ ମୋ'ଠାରୁ କିଛି ଶୁଣିବାରେ ଜିଜ୍ଞାସୁ ଥିଲା ସେ ନିରାଶ ହେଲା। ଧେତ୍ କହି ପୁଣି ତା' ପହରାସ୍ଥଳକୁ ଫେରିଗଲା।

> ପ୍ରତ୍ୟେକ ମଣିଷର ଏକ ସଉକ ରହିବା ଦରକାର। ଯାହା ତାକୁ ତା' ବାଟରେ ଜୀବନ ବଞ୍ଚିବାର ପ୍ରେରଣା ଦିଏ। ମୁଁ ସେମିତି ଏକ ସଉକର ଶିକାର ବୋଲି ସେମାନେ ଧରି ନେଇଥିଲେ ଓ ବିଚାରଧାରାକୁ ସଉକରୁ ଭିନ୍ନ କରି ଦେଖିପାରୁ ନ ଥିଲେ।

ମୁଁ ଆଖିମୁଦିବାକ୍ଷଣି ମନ୍ଦିରା ସତର୍କତାର ସହ



ଆସିଲା। ମୋ' ମୁଣ୍ଡକୁ ତା' କୋଳକୁ ଉଠେଇନେଲା। ମୋର ସେ ଛୁଞ୍ଚିପରିକା ଶ୍ମଶ୍ରୁଗୁଡ଼ିକୁ ଆଉଁଶିବାକୁ ଲାଗିଲା। ଧୀରେଧୀରେ ସେଥିରେ ଥିବା କଳା ଶ୍ମଶ୍ରୁଗୁଡ଼ିକୁ ଗଣିବାକୁ ଲାଗିଲା, ଯାହା ସିଏ ପ୍ରତିଥର ମୁଁ ମୋ' ଗବେଷଣାଗାରର ବିଶ୍ରାମଗୃହକୁ ଫେରିବା ପରେ କରେ। ମୁଁ ଉନ୍ମାଦ ହେବା ବଦଳରେ ଧୀରେଧୀରେ ଶାନ୍ତ ହେଇଗଲି। ନିଘୋଡ଼ ନିଦରେ ଶରୀରର ସବୁ ଅଙ୍ଗପ୍ରତ୍ୟଙ୍ଗ ଶୋଇପଡ଼ିବାକୁ ଅନୁମତି ଲୋଡ଼ିଲେ ନାହିଁ। ମନ୍ଦିରା ପାଇଁ ଏହା ବ୍ୟତିକ୍ରମ ନ ଥିଲା। ସେ ଅନେକ ରାତି ଏମିତି କାଟିଛି। ମୋ' ଅବସାଦରୁ ଉଦାମତ୍ତାକୁ ବିଘଟନ କରେଇ ରକ୍ତକୋଷିକାରେ ରସାୟନ ଭରିବାରେ କିଛି ଊଣା କରିନି।

ମୁଁ ବାହାର ଦୁନିଆ ପ୍ରତି ସଚେତନ ନ ଥିଲି। ରିକ୍ରେଶନ କହିଲେ ମନ୍ଦିରା। ଅନ୍ୟ କିଛି ମୋ' ପାଇଁ ଗୌଣ ଥିଲା। ମନ୍ଦିରା ବାହାର ଦୁନିଆର ଟିକିନିଖି ଖବର ରଖୁଥିଲା। ଆମ ଗବେଷଣାର ପ୍ରଗତି, ଫଳପ୍ରସୂତାରେ ଶାସକର ମତିଗତି ସବୁ ଠଉରଉ ଥିଲା। ବେଳେବେଳେ ସତର୍କ କରୁଥିଲା। ଶାସକଙ୍କୁ ବିଶ୍ୱ ଶକ୍ତିଧର କରିବାରେ ଆମ ଗବେଷଣାର ନିଷ୍କର୍ଷର ନକାରାତ୍ମକ ପ୍ରୟୋଗ ସହାୟକ ହେବ ବୋଲି ଆଶଙ୍କା କରୁଥିଲା। ଭୂତାଣୁର ବିଘଟନ ଓ ଜିନ୍‌ଗତ ସମନ୍ୱୟୀକରଣରେ ବିଶେଷ ଭୂତାଣୁର ପ୍ରଜନନ ପାଇଁ ଆମେ କ୍ରିୟାଶୀଳ ଥିଲୁ। ପ୍ରତିଥର ପ୍ରଜନନ ସାରଣୀରେ ଜିନ୍‌ଗତ ଅନିଷ୍ଟକାରକ କଣିକାଗୁଡ଼ିକର ଚିହ୍ନଟ କରି ଭୂତାଣୁର ଏକ ଶୁଦ୍ଧ ପ୍ରଜାତି ସୃଷ୍ଟିକରି ମଣିଷର ଅମରତ୍ୱ ପ୍ରାପ୍ତି ଆଡ଼କୁ ବଢୁଥିଲୁ। ସମସ୍ତ ରୋଗ ପ୍ରତିଷେଧକ ଶକ୍ତିରେ ସଶକ୍ତ ସେଇ ସୁଗୁଣଯୁକ୍ତ ଭୂତାଣୁଟି ପୁରାଣର ଦେବତାମାନଙ୍କର ସମୁଦ୍ର ମନ୍ଥନରୁ ପ୍ରାପ୍ତ ଅମୃତ ବୋଲି ଆମ ମଡେଲର ନାଁ ନେକ୍‌ଟାର ରଖିଥିଲୁ।

ମନ୍ଦିରାର କିନ୍ତୁ ଗୋଟେ ଅଜବ ଖିଆଲ ଥିଲା। ଅସୁର ନ ଥିଲେ ଦେବତାଙ୍କର ସ୍ଥିତି ଯେମିତି ନାହିଁ। ଠିକ୍ ସେମିତି ଭୂତାଣୁର ଅନିଷ୍ଟକାରକ ଜିନ୍‌ଗୁଡ଼ିକ ଏକାଠି କରି ଏକ ଜୈବାସ୍ତ୍ର ତିଆରି ପାଇଁ ସେ ଜିଦ୍ ଧରୁଥିଲା। ସମଗ୍ର ବିଶ୍ୱକୁ ପରମାଣୁ ଅସ୍ତ୍ର ପ୍ରତିଯୋଗିତାରୁ ନିବୃତ୍ତ କରିବାପାଇଁ ଏହା ହେବ ଅମୋଘ ଅସ୍ତ୍ର। ବିଶ୍ୱର ପ୍ରତିରକ୍ଷା ବଜେଟରୁ ପରମାଣୁ ଅସ୍ତ୍ର ନିର୍ମାଣ ଖର୍ଚ୍ଚ ହ୍ରାସ ପାଇ କଲ୍ୟାଣକାରୀ ପରିଯୋଜନାରେ ଖର୍ଚ୍ଚ ହେବ। କଣ୍ଟାକୁ କଣ୍ଟାରେ କାଢ଼ିବାର ସୂତ୍ରର ସେ ସପକ୍ଷବାଦୀ।

ରକ୍ଷୀଜଣକ ମୋ' କାନ୍ଧକୁ ହଲେଇଦେଲା। ମୁଁ ଆଖି ଖୋଲିଲାବେଳକୁ ସୂର୍ଯ୍ୟକିରଣ ଟାଣ ହେଇସାରିଥିଲା। ରକ୍ଷୀର ମୁହଁଟା ମନ୍ଦିରା ମୁହଁପରି ଦିଶୁ ନ ଥିଲା। ସବୁଠୁ ଆଶ୍ଚର୍ଯ୍ୟ କଥା, ବଡ଼ିଭୋର୍‌ରୁ ମୋତେ ମାରିଦିଆଯିବା କଥା। ବନ୍ଦିଶାଳାର ନିୟମ ଅନୁଯାୟୀ ମୁଁ ଏଯାଏ ବଞ୍ଚିଥିବାରୁ ନିଜକୁ ବିଶ୍ୱାସ କରିବାକୁ ଥରେ ରକ୍ଷୀ ମୁହଁକୁ ଓ ଆଉଥରେ ବନ୍ଦିଶାଳାର ରେଲିଂ ଦେଇ ବାହାରକୁ ଚାହିଁଲି। ମୋ' ପହରା ହୁଗୁଳା କରିଦିଆଯାଇଥିଲା।

ସେମାନେ ନିଶ୍ଚେ ମନ୍ଦିରାକୁ ମାରିଦେଇଥିବେ। ରକ୍ଷୀଆଡ଼କୁ ପ୍ରଶ୍ନିଳ ଚକ୍ଷୁରେ ଚାହିଁଲି। ସେ ଉତ୍ତର ଫେରେଇଲା ନାହିଁ। ସମ୍ଭବତଃ ଜାଣି ନ ଥିଲା ପରି ଜ୍ଞାତ ହେଲା।

ରକ୍ଷୀଜଣକ ମୋ' ହାତକୁ ପଛକୁ କରି ଶିକୁଳି ଲଗେଇଦେଲା। ବିନା ବାକ୍ୟ ବ୍ୟୟରେ ଶାସକ ଆଗରେ ଠିଆ କରେଇଦେଲା। ମୁଁ ଅବାକ୍ ହେଇଗଲି। ଏଯାବତ୍ ଶାସକଙ୍କୁ ସ୍ୱଚକ୍ଷୁରେ ଦେଖି ନ ଥିଲି। ଶାସକ ଖୁବ୍ ଶାନ୍ତ ଲାଗୁଥିଲେ। ଆକ୍ରୋଶର ଲେଶମାତ୍ର ଚିହ୍ନ ନ ଥିଲା।

ମୁଁ ଭାବିଲି, ନିଜ ସପକ୍ଷରେ ଦଲିଲ ଦେବି।

ସେମାନେ ମୋତେ ବସିବାକୁ ଅନୁମତି ଦେଲେ ନାହିଁ। ସେ ଯାଏ ମୋ' ହାତର ଶିକୁଳି ଖୋଲା ନ ଥିଲା। ମୃତ୍ୟୁ ସମ୍ଭବତଃ ଆହୁରି ଭୟଙ୍କର ହେବ ଆକଳନ କରିବାରେ କିଛି ବି ଶଙ୍କା ରହିଲାନି।

ଶାସକ ମୋ' ଆଡ଼କୁ ଚାହିଁଲେ। ଜଣେ ରକ୍ଷୀ ମୋ' ଓଠକୁ ଧରି ମୁହଁ ସିଧା କରିଦେଲା। ଏବେ ମୋତେ ଖାଲି ଶାସକର ଆଖି ଦିଓଟି ଦିଶୁଥିଲା।

ମୁଁ ବେଶୀ ସମୟ ଚାହିଁ ପାରିଲିନି।

ମୋତେ ଏହା ବରଦାସ୍ତ ହେଲାନି।

ଶାସକ ଗୁରୁଗମ୍ଭୀର ସ୍ୱରରେ ଅତି ସହଜ ଭାବେ କହିଲେ– ତମକୁ ମନ୍ଦିରାକୁ ଫେରେଇ ଦିଆଯିବ।

> ଭୂତାଣୁର ଅନିଷ୍ଟକାରକ ଜିନ୍‌ଗୁଡ଼ିକ ଏକାଠି କରି ଏକ ଜୈବାସ୍ତ୍ର ତିଆରି ପାଇଁ ସେ ଜିଦ୍ ଧରୁଥିଲା। ସମଗ୍ର ବିଶ୍ୱକୁ ପରମାଣୁ ଅସ୍ତ୍ର ପ୍ରତିଯୋଗିତାରୁ ନିବୃତ୍ତ କରିବାପାଇଁ ଏହା ହେବ ଅମୋଘ ଅସ୍ତ୍ର। ବିଶ୍ୱର ପ୍ରତିରକ୍ଷା ବଜେଟରୁ ପରମାଣୁ ଅସ୍ତ୍ର ନିର୍ମାଣ ଖର୍ଚ୍ଚ ହ୍ରାସ ପାଇ କଲ୍ୟାଣକାରୀ ପରିଯୋଜନାରେ ଖର୍ଚ୍ଚ ହେବ। କଣ୍ଟାକୁ କଣ୍ଟାରେ କାଢ଼ିବାର ସୂତ୍ରର ସେ ସପକ୍ଷବାଦୀ।

ମୁଁ ଆଶ୍ଚର୍ଯ୍ୟ ହେଇଗଲି। ତା'ହେଲେ ଏମାନେ ମନ୍ଦିରାକୁ ମାରିନାହାନ୍ତି। ମନ୍ଦିରା ଜୀବିତ? ଆଦର୍ଶଗତ ଫରକ ଥିଲେ ବି ମୁଁ ଯେ ମନ୍ଦିରାର ସ୍ତାବକ ନ ଥିଲି, ସେକଥା ବାଏଁ କରି ଉଡ଼େଇ ଦେଇପାରିବି ନାହିଁ। ତା'ହେଲେ ମନ୍ଦିରା ମୋ' ମୁକୁଳିବାର ଦଲିଲ ଦେଇଛି। ମୁଁ ଧୀରେଧୀରେ ଆତ୍ମସ୍ଥ ହେବାକୁ ଲାଗିଲି।

ରକ୍ଷୀ ଦୁଇଜଣ ମତେ ସଚେତ ହେବାକୁ ଧମକ ଦେଲେ। ମୁଁ ସମ୍ବିତ୍ ଫେରିପାଇଲି। ଶାସକ ସାମ୍‌ନାରେ ଠିଆହବାର ସମ୍ଭ୍ରମର ଫତୁଆ ସେମାନେ ଶୁଣେଇଦେଲେ।

ଶାସକ ପୁଣି ଆରମ୍ଭ କଲେ, ତମକୁ ବଞ୍ଚେଇ ରଖିବାର ଏକମାତ୍ର ଉଦ୍ଦେଶ୍ୟ ତମେ ମନ୍ଦିରା ପ୍ରୋଜେକ୍ଟରେ କାମ କରିବ। ଶାସକର ପ୍ରତିଟି ଶବ୍ଦ ଆଦେଶ।

ମୁଁ ଭାଙ୍ଗିବାକୁ ଆରମ୍ଭ କଲି। ଗୋଟେ ଆସନ୍ନ ମୃତ୍ୟୁର ଭୟ ମୋତେ କାତର କଲା।

ରକ୍ଷୀଟି ଠିକ୍ ମୋ' ପେଯୁଆ ଆଖିରୁ ଠଉରେଇନେଲା ସବୁ। ଆସନ୍ନ ମୃତ୍ୟୁ-ବାଞ୍ଛିତ ବନ୍ଦୀ ପରି ମୋ' ଶରୀର ଶିଥିଳ ହେବାକୁ ଲାଗିଲା।

ଗଛଡାଳରୁ ଫଡ଼ଫଡ଼ ହେଇ ପାରାମାନେ ଏକାବେଳେ ଉଡ଼ିଗଲେ। ସେଇକ୍ଷଣି ଚକ୍ରବାତ ପରି କୁଣ୍ଡଳୀ ଆକାରରେ ଗୋଟେ ଧୂଆଁ ଅନ୍ତରୀକ୍ଷରେ ମିଶିଗଲା।

ମୋ: ୮୩୨୮୮୨୬୬୫୪



# ପୁସ୍ତକ ପରିଚୟ

## ତାରା ପ୍ରତି

**କବୟିତ୍ରୀ: ଅପର୍ଣ୍ଣା ମହାନ୍ତି**
**ପ୍ରକାଶକ: ପେନ୍ ଇନ୍ ବୁକ୍ସ, ଭୁବନେଶ୍ୱର**
**ପ୍ରଥମ ପ୍ରକାଶ: ୨୦୨୧, ମୂଲ୍ୟ: ଟ. ୧୯୯/-**




ମୋଟ ୪୩ଟି କବିତା ବହିରେ ସ୍ଥାନିତ। ପ୍ରଥମେ ଆଖିରେ ପଡ଼େ- ପ୍ରଚ୍ଛଦର ଘୋଷଣାନାମାଟି- 'କବିତାରେ କବିତାରେ ପ୍ରତିବାଦ, ପ୍ରଶ୍ନ ଓ ପୀରତି'। ଅପର୍ଣ୍ଣାଙ୍କ କବିତାର ଗୋଟେ ଜ୍ୟୋତି-ରୂପ ଥାଏ। ସମାଜର ନାନା ଘଟଣାକୁ ନାନା ଭାବେ ରୋକି ଧରିବାକୁ ସେ ତାଙ୍କର ନାନା କବିତାରେ ନିୟତ ପ୍ରଚେଷ୍ଟାରତା। ବିଶେଷକରି ନାନା ନାହିଁ ନାହିଁର ପଞ୍ଝା ଭିତରେ ହତବାକିନୀ ନାରୀଟିକୁ ବାଙ୍ମୟୀ କରିବାକୁ ସେ ତାଙ୍କ ସୃଜନଶୀଳତାର ସିଂହଭାଗ ସ୍ୱତ୍ତ୍ୱ ଅର୍ପଣ କରିଦେଇଥା'ନ୍ତି। ବହୁ କବିତାରେ ତାଙ୍କ ଚମତ୍କାର ଶ୍ଳେଷ ପାଠକକୁ ଆମୋଦିତ ଓ ଉତ୍‌ଥିତ କରିଥାଏ ନୈତିକ ସ୍ତରରେ। 'ଦେବୀ-ଦେହ' କବିତାର ଏଇ ଉଲ୍ଲେଖଟିକୁ ପଢ଼ନ୍ତୁ: ''ଝୁଣ୍ଟିଆ ପାଉଁଜି ଆଉ/ ଅଳତା ରଙ୍ଗରେ/ ଏମିତି ଗଢ଼ିବି ପାଦ/ ଯିଏ ଡେଇଁ ପାରୁ ନ ଥିବ/ ଶାସ୍ତ୍ର-ନୀତି-ନିୟମର/ ଅଲଂଘ୍ୟ ଦେହଳୀ।/ କଙ୍କଣ ରୁଣୁଝୁଣୁ/ ହାତ ଦୁଇଟିକୁ/ ଏମିତି ନିର୍ମାଣିବି ଯେ/ ଜମ୍ମା ସେ ଫିଟାଇପାରୁ ନ ଥିବ/ ଦାସୀ-ପଣର ସୁବର୍ଣ୍ଣ ଶିକୁଳି।'' (ପୃ:୧୨)। 'ସମର୍ଥନ' ନୁହେଁ 'ପ୍ରତିବାଦ' ହିଁ ଏଇ ପଙ୍‌କ୍ତିରେ ଉଜାଗର। 'ନ ଦେବା ନ ନେବା ଫୁଲ' କବିତାଟି ବହିଟିର ବୋଧହୁଏ ସବୁଠୁଁ ଭଲ କବିତା। ଆରମ୍ଭରୁ ପ୍ରଶ୍ନ, ଯାହା ଲୁହ ଓ ଦୀର୍ଘଶ୍ୱାସରେ ତିଆରି। ଶବ୍ଦ ଏଠି ନିମିତ୍ତ ମାତ୍ର। ଚିର ନିପୀଡ଼ିତା, ଅଧସ୍ତନା, ନିୟତି-ସଂପୃକ୍ତିତା ନାରୀକୁ କବୟିତ୍ରୀଙ୍କର ଉଦ୍‌ବୋଧନ ଏହିପରି- ''କାହିଁକି ଓଷ୍ଠ ଖୋଲୁନା/ ଦୁଃଖିନୀ ମାଆ ମୋର?/ କାହିଁକି ପ୍ରତିବାଦ କରୁନା/ 'ନ ଦେବା, ନ ନେବା ଫୁଲ'।'' (ପୃ: ୬୭)। କବିତାଟିର କାନ୍‌ଭାସ୍ ବେଶ୍ ଚଉଡ଼ା। ବ୍ୟକ୍ତି-ଶଠତାରୁ ରାଜନୈତିକ-ଶଠତା ଯାଏଁ ତା'ର ବ୍ୟାପ୍ତି। ବହିଟି ନିଜ ଯୋଗ୍ୟତାରେ ପାଠକୀୟ ଆଦୃତି ଯେ ଆଦାୟ କରିନେବ, ଏଥିରେ ସନ୍ଦେହ ନାହିଁ।

## ରକ୍ତରାଗର ଚହଟା

**ଲେଖକ: କୃଷ୍ଣ ବଳ**
**ପ୍ରକାଶକ: ଦିବ୍ୟ ପ୍ରକାଶନୀ, ଭୁବନେଶ୍ୱର-୨**
**ପ୍ରଥମ ପ୍ରକାଶ: ୨୦୨୦ ମୂଲ୍ୟ: ଟ.୪୫୦/-**




ନିରନ୍ଧ୍ର-ଗଦ୍ୟରେ ପରିଭାଷିତ ୭୮ଟି ପ୍ରବନ୍ଧରେ ଆଲୋଚ୍ୟ ସଂକଳନଟି ପ୍ରସ୍ତୁତ। ବହୁ ବିଷୟକ ପ୍ରବନ୍ଧର ଉପସ୍ଥିତି ସାଙ୍ଗକୁ କବି ଏଲିୟଟ୍‌ଙ୍କ ଚିନ୍ତାର ବିଚାର ପାଠକଙ୍କୁ ବହିଟି ପ୍ରତି ଉନ୍ମୁଖ କରେ ସତ, କିନ୍ତୁ ପ୍ରବନ୍ଧର ଭାଷା ଓ ଅଭିବ୍ୟକ୍ତି ଅବିଳମ୍ବେ କ୍ଳାନ୍ତି ଆଣିଦିଏ। ଅଗ୍ରଲେଖରେ ଡ. ବସନ୍ତ କୁମାର ପଣ୍ଡା ଲେଖିଛନ୍ତି: ''ବିଷୟ ବୈଚିତ୍ର୍ୟ, ଅବତାରଣାରେ ଅଭିନବତ୍ୱ, ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜ୍ଞାନତତ୍ତ୍ୱର ସମନ୍ୱୟ ସାଧନ, ଭାଷାରେ ଆପାତଃ ସୌନ୍ଦର୍ଯ୍ୟ, ବକ୍ତବ୍ୟର ବହୁମୁଖିନତା ପ୍ରଭୃତି ଅନେକ ଦୁର୍ଲଭ ବୈଶିଷ୍ଟ୍ୟରେ ବିମଣ୍ଡିତ ବଳଙ୍କର ରଚନାଗୁଡ଼ିକରେ ବହୁବର୍ଣ୍ଣ ବହିରାବରଣ ଭିତରେ କେତେକ ଅଜ୍ଞାତପୂର୍ବ ଓ ଅସଚେତନ ଦୁର୍ବଳତା ଲୁଚି ରହିଅଛି। ସେଥିରୁ ପ୍ରଥମଟି ଅସଂଲଗ୍ନ(incoherent) ବିଚାରବିମର୍ଶ।'' କୃଷ୍ଣଙ୍କ ନିବନ୍ଧଗୁଡ଼ିକର ଦିଗନ୍ତ ଖୁବ୍ ପ୍ରସାରିତ। ନାନା ଜଟିଳ ପ୍ରସଙ୍ଗକୁ ସ୍ୱକୀୟ ଜ୍ଞାନ ଓ ବିବେଚନାରେ ସେ ସାକାର କରିବାକୁ ଚେଷ୍ଟିତ। ଅନେକ ଲେଖାରୁ ତାଙ୍କ ତୁଳନାତ୍ମକ ଦୃଷ୍ଟିଭଙ୍ଗୀର ପରିଚୟ ପାଠକ ପାଏ। 'ନିରୁଦ୍ଦିଷ୍ଟ ମୃତ୍ୟୁ ଓ ବିଫଳତାର ଆବିଷ୍କାର: ସତ୍ତାମୟ ଶ୍ରୀରାଧା''ରେ ରମାକାନ୍ତ ରଥଙ୍କ କାବ୍ୟଗ୍ରନ୍ଥ 'ଶ୍ରୀରାଧା'ର ଆକଳନ କରିବାକୁ ଯାଇ ନିବନ୍ଧକାର କହନ୍ତି: ''ବିଭିନ୍ନ ଆଇଡେଣ୍ଟିଟିର ଏହା ପଞ୍ଜୀୟନ ଓ ଆବୃତ ସମୀକରଣ। ମୃତ୍ୟୁ ଏବଂ ସମୟ ଏଠି ପ୍ରେମକୁ ସଚରାଚର ବାଣ୍ଟି ନେଇଛନ୍ତି। ଦୁଇ ଚେତନାର ଅଭିନ୍ନତା ପ୍ରାର୍ଥନୀୟ। ପ୍ରେମରେ, ଅଣଜାଗତିକ ପ୍ରେମରେ, ଏହା ହିଁ କେବଳ ସମ୍ଭବ- 'ମତେ ନିଜ ଚେତନାରେ ପରିଣତ କର'।'' (ପୃ:୨୦୦)। 'ପଞ୍ଜୀୟନ' ଶବ୍ଦର ବ୍ୟୁତ୍ପତ୍ତିଗତ ଅବୋଧତାକୁ ବାଦ୍ ଦେଲେ ଉଦ୍ଧୃତିର ଅନ୍ୟ ବାକ୍ୟଗୁଡ଼ିକ ଯେପରି ସାବଲୀଳ ଓ ଅର୍ଥଗର୍ଭିତ, ଗ୍ରନ୍ଥର ବହୁ ପ୍ରବନ୍ଧରେ ଏପରି ସାବଲୀଳତା ରକ୍ଷା କରିପାରନ୍ତି ନାହିଁ କୃଷ୍ଣ। ଆତ୍ମତୁଷ୍ଟ ପାଣ୍ଡିତ୍ୟର ଅହଂ ଲେଖକକୁ ବିଦ୍ୱାନ୍ ପାଠକଙ୍କ ସହ ଯୋଗସୂତ୍ର ପ୍ରତିଷ୍ଠାରେ ଯେ ଅସହଯୋଗ କରେ- ଏଇ ସତ୍ୟଟିକୁ ନ ବୁଝିଲେ ମହତ୍ତର ରଚନା ସମ୍ଭବ ହୁଏ କ୍ୱଚିତ୍।

## ଶ୍ରେଷ୍ଠ ଗଳ୍ପ

**ଲେଖକ: ସଦାନନ୍ଦ ତ୍ରିପାଠୀ**
**ପ୍ରକାଶକ: ଟାଇମ୍ ପାସ୍, ବରମୁଣ୍ଡା, ଭୁବନେଶ୍ୱର**
**ପ୍ରଥମ ପ୍ରକାଶ: ୨୦୨୧, ମୂଲ୍ୟ: ଟ.୨୪୫/-**




୨୨ଟି ଗଳ୍ପକୁ 'ଶ୍ରେଷ୍ଠ ଗଳ୍ପ'ରେ ସ୍ଥାନିତ କରାଯାଇଥିଲେ ବି ଏହା ସଦାନନ୍ଦ ଲେଖିଥିବା ଗଳ୍ପମାନଙ୍କଠାରୁ ନାନା କାରଣରୁ ଶ୍ରେଷ୍ଠ ହୋଇ ନ ପାରନ୍ତି, କିନ୍ତୁ ପ୍ରତିନିଧି ସ୍ଥାନୀୟ ଅବଶ୍ୟ। ଗ୍ରନ୍ଥାରମ୍ଭରେ 'ଉପକଥା' ଶୀର୍ଷକ ଗଦ୍ୟ ଲେଖରେ ସଦାନନ୍ଦ ଲେଖିଛନ୍ତି ଏହି ମର୍ମରେ ଯେ ତାଙ୍କ ମାଆ, ସ୍ତ୍ରୀ ଓ ଝିଅ- ଏହି ତିନି ପିଢ଼ିର ପାଠକଙ୍କୁ ଭଲ ଲାଗିବା ଭଳି ଗଳ୍ପଗୁଡ଼ିକୁ ବହିରେ ସ୍ଥାନିତ କରିବାକୁ ସେ ପ୍ରକାଶକଙ୍କୁ ଅନୁମତି ଦେଇଛନ୍ତି। 'ଅନ୍ଧାରରେ ଦିନେ', 'ଅର୍ଦ୍ଧାଙ୍ଗିନୀ', 'ଏବେ ଦିନେ ଅମରୀ', 'ଏମ୍-ଅଲ୍ଲା', 'ଚେର', 'ଭାରତୀ ଯାଦବର ଓଠ', 'ମା', 'ରଙ୍ଗନାଥ ଘଡ଼େଇ', 'ସୁନ୍ଦରୀ', 'ହାସିଆ' ଓ 'ଲୁହ' ଆଦି ଗଳ୍ପଗୁଡ଼ିକ ଜୀବନ ଓ ପରିପାର୍ଶ୍ୱର ଯେଉଁ ନିବିଡ଼ ଚିତ୍ର ଆଙ୍କନ୍ତି, ତାହା ବେଶ୍ ଅପ୍ରତିମ ମନେହୁଏ। ଗଳ୍ପଗୁଡ଼ିକର ବିଶେଷତ୍ୱ ଏହି ଯେ, ଏସବୁ ପାଠକକୁ ତା'ର ନିଜସ୍ୱ ଅନୁଭବ ନିକଟରେ ଛାଡ଼ିଦେଇ ସ୍ୱ ସ୍ଥାନକୁ ଫେରିଆସନ୍ତି। ଗଳ୍ପର ଚାରିକାନ୍ଥ ଭିତରେ ପାଠକଟି ଅଚାନକ ନିର୍ଜନ ପଥଚାରୀ ପାଲଟିଯାଏ। ସଦାନନ୍ଦଙ୍କ ଗଳ୍ପର ଭାଷାରେ ଥାଏ ପାଠକଙ୍କୁ ବାନ୍ଧି ରଖିବାର କିମିଆଁ। ଉଦାହରଣଟିଏ: ''ଭାରତୀର ଦର୍ଶନ ପାଇବା ପାଇଁ ବର୍ଷିବ ବର୍ଷିବ ହେଉଥିବା ମେଘ ଭଳି, ଘନଘନ ଉଚ୍ଛନ୍ନ ହୋଇଉଠିଲା ଇମାନୁଏଲର ମନ।'' ('ଭାରତୀ ଯାଦବର ଓଠ': ପୃ:୧୨୭)। ବହିଟି ପାଠକ- ହାଟରେ ଭଲ ବିକେଇବ ବୋଲି ଆଶା।

## ଅବିନଶ୍ୱର ଶ୍ରୀଜଗନ୍ନାଥ

**ସମ୍ପାଦନା: ପୀତବାସ ରାଉତରାୟ**
**ପ୍ରକାଶକ: ମହାବୀର ପ୍ରକାଶନ, ଭୁବନେଶ୍ୱର-୯**
**ପ୍ରଥମ ପ୍ରକାଶ: ୨୦୨୧, ମୂଲ୍ୟ: ଟ.୪୦୦/-**




ରଥଯାତ୍ରା-୨୦୨୧ ଅବକାଶରେ ପ୍ରକାଶ ପାଇଛି ପୀତବାସଙ୍କ ସମ୍ପାଦିତ 'ଅବିନଶ୍ୱର ଶ୍ରୀଜଗନ୍ନାଥ' ୭୭୮ ପୃଷ୍ଠାର ବିପୁଳ କଳେବର ନେଇ। ୨୮ଟି ପ୍ରଭାଗରେ ବିଭକ୍ତ ବହିଟିରେ ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ଅନୁଭବକୁ ନେଇ ଲେଖିଛନ୍ତି ଓଡ଼ିଶାର ବହୁ ପ୍ରତିଷ୍ଠିତ ଓ ନୂତନ ଲେଖକ। ଏମାନଙ୍କ ମଧ୍ୟରେ ଅଛନ୍ତି ତିନିଜଣ ରାଜ୍ୟପାଳ- ଗଣେଶୀ ଲାଲ, ବିଶ୍ୱଭୂଷଣ ହରିଚନ୍ଦନ ଓ ଦ୍ରୌପଦୀ ମୁର୍ମୁ। ସୁରେନ୍ଦ୍ର ମହାନ୍ତି ଓ କମଳଲୋଚନ ମହାନ୍ତିଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଆଲେଖ୍ୟ ଲେଖିଛନ୍ତି ଅସିତ୍ ମହାନ୍ତି ଓ ଅରୁଣା ମହାନ୍ତି। ଚାରିଜଣ ସମ୍ପାଦକ ଲେଖିଛନ୍ତି ଶ୍ରୀଜଗନ୍ନାଥଙ୍କୁ ନେଇ ସ୍ୱକୀୟ ବିରଳ ଅନୁଭୂତି। ରଘୁନାଥ ମହାପାତ୍ର, ମନୋଜ ଦାସ, ରାଜକିଶୋର ମିଶ୍ର, ଶ୍ରୀଶ ପଟେଲ, ସେକ୍ ମତଲୁବ ଅଲ୍ଲୀ, ସୁଭାଷ ଶତପଥୀ, ତୁଳସୀ ଓଝା, ମନୋରଞ୍ଜନ ପାଣିଗ୍ରାହୀ, ହୃଷୀକେଶ ମଲ୍ଲିକ, ସଂଗ୍ରାମ ଜେନା, ମହୀମୋହନ ତ୍ରିପାଠୀ, ବନଜ ଦେବୀ, ରାମଚନ୍ଦ୍ର ବେହେରା, ନିତ୍ୟାନନ୍ଦ ନାୟକ ଓ ନିରୁପମା ଆଚାର୍ଯ୍ୟ ପ୍ରମୁଖ ବହୁ ନାମୀଦାମୀ ଲେଖିକା ଲେଖକଙ୍କ ରଚନାରେ ସମୃଦ୍ଧ ଗ୍ରନ୍ଥଟି ପାଠକୀୟ ସମାଦର ଲାଭ କରିବ ବୋଲି ଆଶା।

## ବିଶ୍ୱ ବାତାୟନ

**ଲେଖିକା: ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ**
**ପ୍ରକାଶକ: ପେନ୍ ଇନ୍ ବୁକ୍ସ, ଭୁବନେଶ୍ୱର-୧୩**
**ପ୍ରଥମ ପ୍ରକାଶ: ୨୦୨୧, ମୂଲ୍ୟ: ଟ. ୧୯୯/-**




ମୋଟ ୧୯ଟି ପ୍ରବନ୍ଧରେ ସମୃଦ୍ଧ ଆଲୋଚ୍ୟ ସଂକଳନଟି ସମାଜ ଓ ସମୟର ନାନା ଅନୁଭାବନାକୁ ନେଇ ଗତିଶୀଳ। ଏଥିରେ ସ୍ଥାନିତ 'ଜଗନ୍ନାଥ ମହାବିଷ୍ଣୁ ଅବତାର', 'ସାଇ ଅବତାରର ଉଦ୍ଦେଶ୍ୟ', 'ପ୍ରାର୍ଥନା ଓ ବିଶ୍ୱାସର ଶକ୍ତି', 'ଭଗବତ୍ ଗୀତାର ସାର୍ବଜନୀନ ବାର୍ତ୍ତା', 'ମା ବ୍ରୂୟାତ୍ ସତ୍ୟମ୍ ଅପ୍ରିୟମ୍', 'ଐଶ୍ୱର୍ଯ୍ୟମୟୀ ମା' ଲକ୍ଷ୍ମୀ, 'ଓଡ଼ିଆ ଭାଷା ସୁରକ୍ଷା ଓ ଗଣମାଧ୍ୟମ' ଓ 'ଆମ ପିଲାଙ୍କ ସୃଜନଶୀଳତା' ଆଦି ପ୍ରବନ୍ଧଗୁଡ଼ିକ ଲେଖିକାଙ୍କ ମୌଳିକ ଚିନ୍ତାର ପରିବାହକ। ଗ୍ରନ୍ଥ ସମ୍ପର୍କରେ ଅଭିମତ ଦେଇ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ଲେଖିଛନ୍ତି: ''ବିଜୟଲକ୍ଷ୍ମୀଙ୍କର ଏହି ପ୍ରବନ୍ଧ ସଙ୍କଳନ ଅତ୍ୟନ୍ତ ରୋଚକ ଓ ଭାବ ଉଦ୍ଦୀପକ।'' ପ୍ରଫେସର ହରିକୃଷ୍ଣ ଦାଶ ଲେଖିଛନ୍ତି: ''ପୁସ୍ତକଟି ଏକ ସାରସ୍ୱତ ସାଧନା, ସତ୍‌ଜ୍ଞାନ ମାର୍ଗଦର୍ଶିକା। ଗ୍ରନ୍ଥସ୍ଥ ପ୍ରବନ୍ଧଗୁଡ଼ିକର ଭାଷା ସରଳ ଓ ବକ୍ତବ୍ୟ ପରିଚ୍ଛନ୍ନ ହେତୁ ଅନୁଗାମୀ ପାଠିକାପାଠକ ସହଜରେ ଏହାର ମର୍ମବୋଧ କରିପାରିବେ ବୋଲି ବିଶ୍ୱାସ।

# ହୋମ୍‌ଗାର୍ଡ

**ବିଶ୍ୱ ରଞ୍ଜନ ଜେନା**

ଲଘୁ ଗଳ୍ପ

ଲକ୍‌ଡାଉନ୍‌ରେ ଘରେ ରହି ରହି ବାପା ବ୍ୟସ୍ତ ହୋଇପଡ଼ିଲେ। ବାହାରକୁ ଯିବନି, କାହାସହ ମିଶିବନି, ଏକୁଟିଆ ଘରେ ରହିବ, ଏକଥା ଚିନ୍ତା କରିବା ମାତ୍ରକେ କରୋନାକୁ ମନଇଚ୍ଛା ଗାଳି ଦେଉଥିଲେ। ପ୍ରଥମେ ପ୍ରଥମେ ଯେନତେନ ପ୍ରକାରେ କିଛିଦିନ କାଟିଦେଲେ। କିନ୍ତୁ କିଛିଦିନ ପରେ ଘରସାରା ଖାଲି ଇତସ୍ତତ ଭାବରେ ବୁଲିବାକୁ ଲାଗିଲେ।

କରିବେ ବା କ'ଣ? ବସିବସି ତାଙ୍କର କିଛି ପୁରୁଣା ବନ୍ଧୁମାନଙ୍କୁ ଫୋନ୍ ଲଗାଇଲେ। ଫୋନ୍ ଲାଗିବାରୁ ବାପା ତାଙ୍କ ବନ୍ଧୁଙ୍କୁ ପଚାରିଲେ- କିରେ କ'ଣ କରୁଛୁ? ଏ ସମୟରେ ତମର ସବୁ ଖବର କ'ଣ?

ଆରପଟୁ ବନ୍ଧୁଜଣକ ଉତ୍ତର ଦେଲେ- ମୁଁ ଚାକିରି କରିଛି। ଆମେ ସମସ୍ତେ ଭଲରେ ଅଛୁ। ଆଉ କ'ଣ କହିବି?

ହସି ହସି ବାପା କହିଲେ- କିରେ ଏ ବୟସରେ ପୁଣି କି ଚାକିରି କରିଛୁ? ତୁ ପରା ରିଟାୟାର୍ଡ କରିଯାଇଥିଲୁ?

ହଁ, ନୂଆ ଚାକିରିଟେ କରିଛି- 'ହୋମ୍‌ଗାର୍ଡ'।

କୋଉଠି? ତୋର ପୁଣି କ'ଣ ଦରକାର ପଡ଼ିଲା? ବଡ଼ ବ୍ୟସ୍ତ ହୋଇ ବାପା ପୁଣି ପଚାରିଲେ।

ସେପଟୁ ହସିହସି ତାଙ୍କ ବନ୍ଧୁ କହିଲେ- ଆରେ ନା ନା, ବାହାରେ କେଉଁଠି ନୁହେଁ। ପୁଅ ପାଖରେ ଅଛି। ତୁ ତ ଜାଣିଛୁ ପୁଅ ବୋହୂ ଦୁହେଁ ବ୍ୟାଙ୍କରେ ଚାକିରି କରନ୍ତି। ଏ ସମୟରେ ବି ବାହାରକୁ ଯାଉଛନ୍ତି। ଚାକରାଣି ବି ଘରକୁ ଆସିବା ବନ୍ଦ କରିଦେଇଛି। ସେଥିପାଇଁ ଏ ଘର ଆଉ ପିଲାମାନଙ୍କୁ ଦେଖାରଖା କରୁଛି। ହେଲାନାହିଁ ହୋମ୍‌ଗାର୍ଡ ଚାକିରି।

ହଁରେ ଠିକ୍ କଥା କହିଲୁ। ଏ ବୟସରେ ମଣିଷ ପାଖରେ ଦୁଇଟି ରାସ୍ତା। ଯା ତ ସିଏ ଜରାଶ୍ରମ ଯିବ ନଚେତ୍ ହୋମ୍‌ଗାର୍ଡ ଡ୍ୟୁଟି କରିବ।

ଏତିକି କହି ବାପା ଫୋନ୍ କାଟିଦେଲେ। ଆଉ ବଡ଼ ଉଦାସ ଭାବରେ ବସିଥିବା ଆରାମଚେୟାରରେ ଆଉଜିଗଲେ।

ବାସନ୍ଦରା, ଜଗତ୍‌ସିଂହପୁର
ମୋ: ୯୩୪୮୭୪୯୬୮୨